visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.219 Bhubaneswar Wednesday, October 20, 2021 | ୨୪ତମ ବର୍ଷ ସଂଖ୍ୟା-୨୧୯ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ହାଇକୋର୍ଟ ନୂଆ କନଫରେନ୍ସ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଶପଥ ପାଠ କରାଉଛନ୍ତି

## ବିଏମସିର ପୂଜା ଗାଇଡ୍ ଲାଇନ୍

ଭୁବନେଶ୍ୱର, ୧୯।୧୦(ପି.ଏନ): ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ପୂଜା ଗାଇଡ୍ ଲାଇନ୍ ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି) । ଏହି ଦୁଇ ମାସରେ ପଡୁଥିବା ଲକ୍ଷ୍ମୀପୂଜା , କାଳୀ ପୂଜା ଓ କାର୍ତ୍ତିକ ପୂର୍ଣ୍ଣିମା ଆଦି ପାଇଁ ଏହି ଗାଇଡ୍ ଲାଇନ୍ ଜାରି କରାଯାଇଛି । ବିଏମସି ଅଧୀନରେ ଥିବା ଅଂଚଳରେ ପୂଜା ଆୟୋଜନ ପାଇଁ କମିଶନରେଟ୍ ପୋଲିସ୍ ର ଅନୁମତି ନେବାକୁ ହେବ । ମଣ୍ଡପ ବା ପେଣ୍ଡାଲରେ ପୂଜା ହେଉଥିଲେ ଶ୍ରଦ୍ଧାଳୁ ପ୍ରବେଶ କରିପାରିବେ ନାହିଁ । ମଣ୍ଡପର ୩ ପଟ ବନ୍ଦ ରହିବ ଏବଂ ୪ର୍ଥ ପଟ ଆବଦ୍ଧ ରହିବ । ମୂର୍ତ୍ତିର ଉଚ୍ଚତା ୪ ଫୁଟ୍ ରୁ କମ୍ ହେବ । ମଣ୍ଡପରେ ଏକ ସଙ୍ଗରେ ୭ ଜଣରୁ ଅଧିକଙ୍କୁ ପ୍ରବେଶ ଉପରେ କଟକଣା ରହିବ । ମୂର୍ତ୍ତି ବିସର୍ଜନ ବେଳେ ସର୍ବାଧିକ ୧୦ ଜଣ ସାମିଲ ହୋଇପାରିବେ । ସେହିପରି କାର୍ତ୍ତିକ ମାସରେ ମନ୍ଦିର ଭିତରେ ହବିଷ୍ୟାଳୀଙ୍କ କାର୍ତ୍ତିକ ବ୍ରତ ଉପରେ ରୋକ୍ ଲଗାଯାଇଛି ।

# ଗୋଟିଏ ଦିନରେ ୫୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୫୯୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୨ ହଜାର ୭୮୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୮୪୬ ରହିଛି । ଆଜି ଚିହ୍ନଟ ହୋଇଥିବା ୫୫୬ ଜଣଙ୍କ ମଧ୍ୟରୁ ୩୨୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୦୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫, ବାଲେଶ୍ୱରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୪୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୩, ଜଗତସିଂହପୁର ଜିଲ୍ଲାରୁ ୧୧ ଜଣ, ଯାଜପୁରରୁ ୧୧ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୩୦୫ ଜଣ, କୋରାପୁଟ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।। ନୟାଗଡ ଓ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୨ ଜଣ, ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୧୭ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୭ ଜଣ ଓ ଷ୍ଟେଟ୍ ପୁଲରୁ ୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କଏଦୀଙ୍କ ଉପରେ ନଜର ରଖିବ ଡ୍ରୋନ୍

ଭୁବନେଶ୍ୱର, ୧୯।୧୦(ପି.ଏନ): ଏଣିକି ଜେଲରେ କଏଦୀଙ୍କୁ ଜଗିବ ଡ୍ରୋନ୍ । ତିହାର ଜେଲ୍ ଢାଞ୍ଚାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ । କଟକର ଚୌଦ୍ୱାର ଓ ଭୁବନେଶ୍ୱର ଝାରପଡ଼ା ଜେଲରେ ପ୍ରଥମେ ଡ୍ରୋନ୍ କ୍ୟାମେରା ଉଡ଼ିବ । କଏଦୀମାନେ କଣ କରୁଛନ୍ତି, କିଏ ଦେଖା କରିବାକୁ ଆସୁଛି ଏସବୁ ଉପରେ ନଜର ରଖାଯିବ । ଏଥିପାଇଁ ୨୨ରୁ ୨୩ଟି ଡ୍ରୋନ ଅଣାଯିବାକୁ ଯୋଜନା ରହିଛି ବୋଲି ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ଚୌଦ୍ୱାର ଓ ଝାରପଡ଼ା ଜେଲରେ ଟେଲିଫୋନ ବୁଥ ବ୍ୟବସ୍ଥା କରାଯିବ । ଉଭୟ ଜେଲରେ ୪ଟି ଲେଖାଏଁ ବୁଥ୍ ଖୋଲାଯିବ । କଏଦୀମାନେ ନିଜ ଘରର ଦୁଇଟି ନମ୍ବର ଏହି ବୁଥରେ ଦେବେ । କେବଳ କଏଦୀ ଦେଇଥିବା ନମ୍ବରକୁ ହିଁ ଫୋନ୍ ଯିବ, ଅନ୍ୟ ନମ୍ବରକୁ ଫୋନ କଲେ କଲ୍ ଯିବ ନାହିଁ । କଏଦୀ ୫ ମିନିଟ ପର୍ଯ୍ୟନ୍ତ କଥା ହୋଇପାରିବେ । ତାପରେ ଅଟୋମେଟିକ୍ ଫୋନନ୍ କଟିଯିବ ।

## ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଘର ଉପରକୁ ଛାତ୍ର କଂଗ୍ରେସର ଅଣ୍ଡାମାଡ

ଭୁବନେଶ୍ୱର, ୧୯।୧୦(ପି.ଏନ): ଶିକ୍ଷୟତ୍ରୀ ମମିତା ମେହେରା ନିଖୋଜ ଘଟଣାରେ ଗୃହ ରାଜ୍ୟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ କରି ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ କରାଯାଇଛି । ମଙ୍ଗଳବାର ଅପରାହ୍ନରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀ ମାନେ ମନ୍ତ୍ରୀଙ୍କ ଭୁବନେଶ୍ୱର ୟୁନିଟ୍ ୬ ସ୍ଥିତ ସରକାରୀ ବାସଭବନ ଉପରକୁ ଅଣ୍ଡାମାଡ କରିଥିଲେ । ଏଥିସହ ମନ୍ତ୍ରୀଙ୍କ ବାସ ଭବନ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ତେବେ ସେଠାରେ ଥିବା ସୁରକ୍ଷାକର୍ମୀମାନେ ସେମାନଙ୍କୁ ଅଟକାଇଥିଲେ । ଏହାପରେ ସେମାନେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବସି ନାରାବାଜି କରିଥିଲେ । ପୋଲିସ୍ ଫୋର୍ସ ସେଠାରେ ପହଂଚି ସେମାନଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା ।

# ମୋହନ ମାଝିଙ୍କ ଉପରେ ଆକ୍ରମଣରୁ ରାଜନୈତିକ ଫାଇଦା ନେଉଛି ବିଜେପି : ବିଜେଡି

ଭୁବନେଶ୍ୱର, ୧୯।୧୦(ପି.ଏନ): ଓଡ଼ିଶା ବିଜେପି ବିଶେଷ କରି ଏହାର ମୁଖ୍ୟ ସଚେତକ ମୋହନ ମାଝି ତାଙ୍କ ଉପରେ ହୋଇଥିବା ଆକ୍ରମଣ ପାଇଁ ଓଡିଶା ସରକାରଙ୍କୁ ଦାୟୀ କରିବାକୁ ଚେଷ୍ଟା କରିବା ପୂର୍ବରୁ କିଛି ଲଜ୍ଜା କରିବା ଉଚିତ । ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରି ମିଥ୍ୟା ପ୍ରସଙ୍ଗକୁ ସମ୍ବେଦନଶୀଳ କରିବା ଓଡିଶା ବିଜେପିର ଅଭ୍ୟାସରେ ପରିଣତ ହୋଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ ।ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି ଯେ ଏହି ପ୍ରସଙ୍ଗରେ, ଶ୍ରୀ ମାଝିଙ୍କ ଉପରେ ଆକ୍ରମଣ କରିଥିବା ଲୋକମାନେ ସାମ୍ନାକୁ ଆସିଛନ୍ତି ଓ ଶ୍ରୀ ମାଝିଙ୍କ ସହ ସେମାନଙ୍କର ସିଧାସଳଖ ସମ୍ପର୍କ ରହିଛି ଏବଂ ସେମାନେ କେନ୍ଦୁଝର ଜିଲ୍ଲା ବିଜେପିରେ ଥିଲେ । ଶ୍ରୀ ମାଝି ଉକ୍ତ ବ୍ୟକ୍ତିଙ୍କୁ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ଦେଇନଥିଲେ ଏବଂ ଏହା ଏକ ଠିକାଦାରୀ କାର୍ଯ୍ୟକୁ ନେଇ ଘଟିଛି ।ଏହି ଆକ୍ରମଣରେ ଜଡିତ ଅପରାଧୀଙ୍କୁ ଗିରଫ କରାଯାଇଛି ଏବଂ ଶ୍ରୀ ମାଝିଙ୍କର ଆତ୍ମ-ସମ୍ମାନ ରହିବା ଉଚିତ ଯେ ଏହା ନିଜ ଲୋକଙ୍କ ସହ ନିଜର ମତଭେଦର ଏକ ପରିଣାମ ବୋଲି ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି

## ୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯।୧୦(ପି.ଏନ): ଗତକାଲି ପଶ୍ଚିମବଙ୍ଗ ଓ ତତସଂଲଗ୍ନ ଉତର ଓଡିଶା ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତମାନ ବିହାର ଓ ଅଂଚଳ ଉପରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହି ଚାରିଟି ଜିଲ୍ଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ରହିଛି । ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହିତ ଅକ୍ଟୋବର ୨୦ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ,ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ରହିଛି ।ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# କରୋନାରୁ ସୁସ୍ଥ ହେଲେ ୬୧୮

ଭୁବନେଶ୍ୱର, ୧୯।୧୦ (ପି.ଏନ): ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୬୧୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୩ ହଜାର ୩୯୮ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୨୭ ଜଣ ଓ କଟକ ଜିଲ୍ଲାରୁ ଆଜି ୪୬ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୩୩, ମୟୂରଭଂଜରୁ ୧୭, ସୁନ୍ଦରଗଡ଼ରୁ ୧୫, ପୁରୀରୁ ୧୨, କେନ୍ଦ୍ରାପଡ଼ା, ସମ୍ବଲପୁରରୁ ୧୧-୧୧, ଯାଜପୁରରୁ ୧୦, ଜଗତସିଂହପୁର, ନୟାଗଡ଼ରୁ ୭ ଜଣ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି ।ସେହିପରି ଭଦ୍ରକ, ବଲାଙ୍ଗୀର, ନୂଆପଡ଼ାରୁ ୬ ଜଣ ଲେଖାଏଁ, ଦେବଗଡ଼, ଝାରସୁଗୁଡ଼ାରୁ ୪-୪ ଜଣ, ଅନୁଗୁଳ, ବରଗଡ଼, ଢେଙ୍କାନାଳରୁ ୩ ଜଣ ଲେଖାଏଁ, ଗଜପତି, ଗଂଜାମ, କନ୍ଧମାଳ, କେନ୍ଦୁଝର, ରାୟଗଡ଼ାରୁ ୨ ଜଣ ଲେଖାଏଁ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୭୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

# ଦକ୍ଷତାପୂର୍ଣ୍ଣ ଓ ସମାନ ଶିକ୍ଷା ପାଇଁ ଏକ ମଜବୁତ୍ ଶିକ୍ଷା ଢାଂଚା ପ୍ରସ୍ତୁତ ହେବ : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯।୧୦(ପି.ଏନ): ସମସ୍ତଙ୍କୁ ଦକ୍ଷତାପୂର୍ଣ୍ଣ ଓ ସମାନ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ମଜବୁତ୍ ଶିକ୍ଷା ଢାଂଚା ପ୍ରସ୍ତୁତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମଙ୍ଗଳବାର ବିଶ୍ୱ ବ୍ୟାଙ୍କର ହ୍ୟୁମାନ କ୍ୟାପିଟାଲ୍ ମିନିଷ୍ଟରିଆଲ କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ବିଶ୍ୱ ବ୍ୟାଙ୍କ ପକ୍ଷରୁ ଭର୍ଚୁଆଲ ପ୍ଲାଟଫର୍ମରେ କୋଭିଡ -୧୯ ଦ୍ୱାରା ହ୍ୟୁମାନ କ୍ୟାପିଟାଲର କ୍ଷତିକୁ ରୋକିବା ଏବଂ ଡ଼ିଜିଟାଲ ଯୁଗରେ ସେବା ଯୋଗାଇବାରେ ନୂଆ କଳ୍ପନା ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ ଟେକ୍ନଲୋଜିକୁ କାର୍ଯ୍ୟକାରୀ କରି ଜୀବନଶୈଳିରେ ଉନ୍ନତି ଆଣିବା, ଜୀବନଜୀବିକାକୁ ଗୁରୁତ୍ୱ ସହ ସମସ୍ତଙ୍କୁ ସମାନ ଶିକ୍ଷାର ସୁବିଧା ପାଇଁ ଭାରତର ଉଦ୍ୟମ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି କୋଭିଡ୍-୧୯ ସମୟରେ ଭାରତ ସରକାରଙ୍କ ବହୁମୁଖୀ ରଣନୀତି ଯଥା ଦୀକ୍ଷା, ପିଏମ ଇବିଦ୍ୟା, ସ୍ୱୟଂ ପୋର୍ଟାଲ, ଡ଼ିଜିଟାଲ ଲାଇବ୍ରେରୀ, ଡ଼ିଟିଏଚ, ରେଡ଼ିଓ ଶିକ୍ଷା ଦାନର ନିରନ୍ତରତାକୁ ବଜାୟ ରଖିଛି । ଛାତ୍ରଛାତ୍ରୀମାନେ ଟେକ୍ନୋଲୋଜି ଜରିଆରେ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି । ଏହା ବ୍ୟତିତ ଇଂଟରନେଟ ମାଧ୍ୟମରେ ଶିକ୍ଷା ଏବଂ ଜାତୀୟ ଡିଜିଟାଲ ଶିକ୍ଷା ନିର୍ମାଣଶୈଳି ସମେତ ଶିକ୍ଷା ପରିସଂସ୍ଥାନକୁ ଅଧିକ ସମାବେଶୀ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ କେନ୍ଦ୍ରମନ୍ତ୍ରୀ ମତ ରଖିଛନ୍ତି । କୋୱିନ ଭଳି ଡ଼ିବିଟି ଏବଂ ଅନେକ ଡ଼ିଜିଟାଲ ପ୍ଲାଟଫର୍ମ ମାନବ ସମ୍ବଳର କ୍ଷତିକୁ ରୋକିବାରେ ସହାୟକ ହୋଇଥିବା ଶ୍ରୀ ପ୍ରଧାନ ଏହି ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଆଲୋକପାତ କରିଛନ୍ତି ।ଭାରତରେ ଏଲପିଜି ବିତରଣରେ ସଂସ୍କାରମୂଳକ ପଦକ୍ଷେପକୁ ସ୍ୱୀକୃତି ଦେଇଥିବାରୁ ବିଶ୍ୱବ୍ୟାଙ୍କକୁ ଶ୍ରୀ ଧନ୍ୟବାଦ ଜଣାଇଥିଲେ । ସେହିପରି ବିଶେଷ ଭାବରେ ପହଲ ଓ ଗିଭ୍ ଇଟ୍ ଅପ୍ ଦ୍ୱାରା ସବସିଡ଼ିର ଅପବ୍ୟବହାରକୁ ହ୍ରାସ କରିବା ତଥା ଦେଶର ୮ କୋଟି ଗରିବ ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଇବା ଉପରେ ଭାରତର ଅଭିଜ୍ଞତା ଓ ବିଶ୍ୱସ୍ତରୀୟ ଏଲପିଜି କ୍ଷେତ୍ରରେ ପ୍ରବେଶ କରିବା ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିଥିଲେ ।

## APPOINTMENT

ପର୍ଯ୍ୟବେକ୍ଷକ PARYABEKHYAK Visit at:- www.pabitramohansamantaray.in
THE KALINGA CHRONICLE Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ଭାରତ-ଚୀନ୍ ଯୁଦ୍ଧର ସଂକ୍ଷିପ୍ତ ଇତିହାସ...



**ଭା**ରତ ଚଇନା ସୀମାନ୍ତରେ ୧୯୬୨ରେ ଯେଉଁ ପରିସ୍ଥିତି ଥିଲା ଆଜି ୨୦୨୧ ମଧ୍ୟ ସେ ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଆମ ଭାରତୀୟ ଜବାନଙ୍କର ବୀରତ୍ୱର ଗାଥା ଦୃଢ଼ ମନୋବଳ, ଇଚ୍ଛାଶକ୍ତି, ଦେଶପ୍ରେମ ସାହସିକତାର ଏବଂ ଦୁଃସାହସିକତାର ପ୍ରମାଣ ଚଇନା ଭଲ ଭାବରେ ଜାଣିଥିବାରୁ ସୀମାନ୍ତରେ ଦାଦାଗିରି କରି ଅସ୍ଥିରତା ସୃଷ୍ଟି କରିବାପାଇଁ ପଛଘୁଞ୍ଚା ଦେବାକୁ ବାଧ ହେଉଛି ।

ଅଣଷଠି ବର୍ଷ ତଳେ ଅକ୍ଟୋବର ୨୦, ୧୯୬୨ ଆଜିର ଦିନରେ ସୂର୍ଯ୍ୟ ଛୁଇଁବା ପୂର୍ବରୁ ଦେଶର ଉତ୍ତରପୂର୍ବ ସୀମାନ୍ତରେ ଘୋଟି ଆସିଥିଲା ଏକ ଭୟଙ୍କର ଯୁଦ୍ଧର ଘନଘଟା । ଅକ୍ଟୋବର ୧୯ ତାରିଖ ରାତ୍ରିପ୍ରାୟ ୧୧ଟା ବେଳେ ଅରୁଣାଚଳପ୍ରଦେଶର ଦୌଲତ-ବେଗ-ଓଲଡ଼ି ସେକ୍ଟରରେ ଚିପଚପ ନାଳ ନିକଟସ୍ଥ ଏକ ଆଗୁଆ ଭାରତୀୟ ଘାଟି ଉପରେ ଚୀନ ସେନାର ଆକ୍ରମଣ ସହ ଆରମ୍ଭ ହୋଇଥିଲା ଲଢ଼େଇ । ପରଦିନ ସକାଳ ବେଳକୁ ଏକ ଫୁଲ-ସ୍କେଲ ଭାରତ-ଚୀନ ଯୁଦ୍ଧରେ ପରିଣତ ହୋଇସାରିଥିଲା । ବିବାଦର କାରଣ? ଭାରତ ଚୀନ ତିବ୍ବତ ମଧ୍ୟରେ ଆନ୍ତର୍ଜାତିକ ସୀମା ନିର୍ଦ୍ଧାରଣ କରୁଥିବା "ମ୍ୟାକମୋହନ" ଲାଇନ୍ ବ୍ରିଟିଶ ଶାସନ କାଳରେ ୧୯୧୪ ଜୁଲାଇ ତିନି ତାରିଖରେ ଧାର୍ଯ୍ୟ "ମ୍ୟାକମୋହନ ଲାଇନ୍"କୁ ଭାରତ ଓ ତିବ୍ବତ ବାଧ୍ୟବାଧ୍ୟକତାରେ ସ୍ୱୀକାର କରିଥିବା ବେଳେ ଚୀନ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା । ଅରୁଣାଚଳ ସମେତ ଉତ୍ତର-ପୂର୍ବ ସୀମାନ୍ତରେ ବ୍ୟାପକ ଭାରତୀୟ ଅଂଚଳ ଉପରେ ଚୀନ ତା'ର ସାର୍ବଭୌମତ୍ୱ ଦାବି କରିଥିଲା । ତେବେ ମୋ ପାଇଁ ତଥା ମୋ ଭାରତମାତା ପାଇଁ ଏ ଯୁଦ୍ଧ ଥିଲା ଏକ ଦୁଃସ୍ୱପ୍ନ । ଯାହାକି ପଛପଟୁ ଛୁରାମାଡ଼ ଭଳି । ଚୀନସହ '୬୨'ର ଏହି ଏକମାସ ବ୍ୟାପି ଯୁଦ୍ଧରେ ଭାରତମାତାକୁ ଯେଉଁ ଆଘାତ ଲାଗିଥିଲା, ତା'ର କ୍ଷତ ଆଜି ଅଣଷଠି ବର୍ଷପରେ ମଧ ଆହୁରି ଅଧିକରୁ ଅଧିକ ତାଜା ରହିଛି । ଏହା ଏକପ୍ରକାର ଏକତରଫା ଯୁଦ୍ଧରେ ଚୀନ ହାତରେ ପରାଭବର ଗ୍ଲାନି ଆଜି ବି ଭାରତୀୟ ସେନାକୁ ଭୂତ ହୋଇ ଗୋଡ଼ାଉଛି । ଚୀନ ପକ୍ଷରୁ ଏକତରଫା ଯୁଦ୍ଧ ବିରତି ଘୋଷଣା ପରେ ନଭେମ୍ବର ୨୦ ତାରିଖରେ ସମାପ୍ତ ହୋଇଥିବା ଏ ଯୁଦ୍ଧରେ ପ୍ରତିପକ୍ଷ ଚୀନର ଯେତିକି ସଂଖ୍ୟକ ସୈନିକଙ୍କ ମୃତ୍ୟୁ ହୋଇଥିଲା, ସହୀଦ ହୋଇଥିବା ଭାରତୀୟ ଜବାନଙ୍କ ସଂଖ୍ୟା ଥିଲା ତା'ର ଦୁଇଗୁଣ । ଚୀନର ପ୍ରାୟ ୭୦୦ ସୈନ୍ୟ ଯୁଦ୍ଧଭୂଇଁରେ ପ୍ରାଣ ହରାଇଥିବାବେଳେ, ଭାରତୀୟ ସେନାର ୧୩୮୨ ଜବାନ ନିହତ ହୋଇଥିଲେ । ହଜାର ହଜାର ସଂଖ୍ୟାରେ ଭାରତୀୟ ସୈନିକ ଆହତ ହୋଇଥିଲେ । ଏବେ ବି ମ୍ୟାକମୋଇନ ଲାଇନ ଅନୁଯାୟୀ ଅନେକ ଭାରତୀୟ ଅଞ୍ଚଳ ଚୀନ ସେନାର ଦଖଲରେ ।

ଯୁଦ୍ଧରେ କାହିଁକି ଭାରତକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଲା ? ବିଗତ ଛଅ ଦଶକ ମଧ୍ୟରେ ଏହି ପ୍ରଶ୍ନ ଉପରେ ପୂର୍ବରୁ ଅନେକ ଆଲୋଚନା ହୋଇଛି । କିନ୍ତୁ ଆଜି ଯୁଦ୍ଧର ଅଣଷଠି ବର୍ଷ ପୂର୍ତ୍ତୀ ଅବସରରେ ଏହା ସାନି ଆଲୋଚନାର ଅପେକ୍ଷା ରଖୁଛି । ଆଲୋଚନା ଓ ସମିକ୍ଷା ଏଥିପାଇଁ କି ଜରୁରୀ ଯେ ଭାରତ ଚୀନ ସୀମାନ୍ତରେ ୧୯୬୨ ଯେଉଁ ପରିସ୍ଥିତି ଥିଲା, ଆଜି ୨୦୨୧ରେ ମଧ ସେହି ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଗୋଟିଏ ପଟେ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇ ଏକ ବିଲିୟନ ଡ଼ଲାରର ନିକଟବର୍ତ୍ତୀ ହୋଇଥିବାବେଳେ ଅନ୍ୟ ପକ୍ଷରେ ଦୁଇଦେଶ ମଧ୍ୟରେ ସୀମା ବିବାଦ ଅସମାହିତ ହୋଇରହିଛି । ନିୟମିତ କଥାବାର୍ତ୍ତା ଚାଲିଥିଲେ ମଧ ମୋଟାମୋଟି ନିଷ୍ଫଳ ରହିଛି ଏବଂ ସୀମାରେ ଉତ୍ତେଜନାପୂର୍ଣ୍ଣ ଅସ୍ୱାଭାବିକତା ବଳବତ୍ତର ରହିଛି । ୧୯୬୨ ଚୀନ ସହ ଯୁଦ୍ଧରେ ବିପର୍ଯ୍ୟୟ ଭାରତୀୟ ସେନାର ବିଫଳତା ଏକ ଇସ୍ତାହାର ଅପେକ୍ଷା ଅଧିକ ଭାରତୀୟ ରାଜନୈତିକ ନେତୃତ୍ୱର ବିଫଳତାର ଏକ ଦୁଃଖଦ କାହାଣୀ । ଭାରତୀୟ ବିପର୍ଯ୍ୟୟର ଅନୁଧ୍ୟାନ ପାଇଁ ଲେଫ୍ଟନାଣ୍ଟ ଜେନେରାଲ ହେଣ୍ଡରସନ୍ ବୃକ୍ସ ଏବଂ ବ୍ରିଗେଡ଼ିୟର ପି.ଏସ୍ ଭଗତଙ୍କୁ ନେଇ ଗଠିତ କମିଶନଙ୍କ ରିପୋର୍ଟ ଆଜିପର୍ଯ୍ୟନ୍ତ ସରକାରୀ ସିନ୍ଦୁକ ମଧ୍ୟରେ ବନ୍ଦ ରହିଥିଲେ ମଧ ସ୍ୱାଧୀନ ପର୍ଯ୍ୟବେକ୍ଷକଙ୍କ ନଜରରୁ ତାହା ଲୁଚି ରହିପାରିବ ନାହିଁ । ପର୍ଯ୍ୟବେକ୍ଷକଙ୍କ ମତରେ ତତ୍କାଳୀନ ନେତୃତ୍ୱ ରାଜନୈତିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ଚୀନ ସହ ସୀମାବିବାଦର ଗଭୀରତାକୁ ଠିକ୍‌ଭାବେ ଆକଳନ କରିପାରି ନ ଥିଲେ ଏବଂ ତତ୍‌ସହିତ ଏକ ଅପ୍ରସ୍ତୁତ ସେନାକୁ ଯୁଦ୍ଧଭୂଇଁକୁ ଠେଲି ଦେଇଥିଲେ । ଯାହା ଆତ୍ମଘାତୀ ସାବ୍ୟସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଭାରତ-ଚୀନ ମଧ୍ୟରେ ଯୁଦ୍ଧର ପରିଣାମରେ ଅତ୍ୟନ୍ତ ମର୍ମାହତ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁ ମଧ ଏହା ସ୍ୱିକାର କରିଥିଲେ । "ଆମେ ଦିନେ ତିଆରି କରିଥିବା ଏକ ଅବାସ୍ତବ ଦୁନିଆରେ ନିଜର ଅବାସ୍ତବ ଖିଆଲରେ ବୁଡ଼ି ରହିଥିଲୁ ।" ନେହେରୁଙ୍କ ଏହି ଉକ୍ତି ଏହାର ସ୍ୱିକାରୋକ୍ତି ଯେ, ଭାରତୀୟ ନେତୃତ୍ୱ ବାସ୍ତବତାକୁ ଠିକ୍ ଭାବେ ବୁଝିପାରିନଥିଲେ । କୁଟନୈତିକ କଥାବାର୍ତ୍ତାର ପରଦା ଆଢୁଆଳରେ ଲୁଚିଥିବା ଚୀନର ଖେଳ ପ୍ରକୃତିର ସ୍ୱଭାବକୁ ଏବଂ ହଠାତ୍ ଉଗ୍ର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଠଉରାଇ ପାରି ନ ଥିଲେ ।

୧୯୫୯ରେ ତିବ୍ବତରୁ ଦଲାଇଲାମାଙ୍କ ପଳାୟନ ଏବଂ ଭାରତରେ ଶରଣ ପରଠାରୁ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା ଏବଂ ଚୀନ ପକ୍ଷରୁ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା । ଭିତରେ ଭିତରେ ଭାରତର ଅଲକ୍ଷ୍ୟରେ ସୀମାନ୍ତରେ ପ୍ରାୟ ୯୦ ହଜାର ବର୍ଗ କିଲୋମିଟର ଭାରତୀୟ ତିବ୍ବତୀୟ ଅଞ୍ଚଳ ନିଜ ଅକ୍ତିଆରକୁ ନେଇ ରେଳପଥ ଓ ରାସ୍ତା ନିର୍ମାଣ କରି ଚୀନ ସାମରିକ ଦୃଷ୍ଟିରୁ ନିଜପାଇଁ ଏକ ସୁବିଧାଜନକ ସ୍ଥିତି ସୃଷ୍ଟି କରିପାରିଥିଲା ॥ ଏ ବିଷୟରେ ଭାରତୀୟ ଗୁଇନ୍ଦା ପାଖରେ କୌଣସି ରିପୋର୍ଟ ନଥିଲା । ଗୋଟିଏପଟେ କୂଟନୈତିକ କଥାବାର୍ତ୍ତାରେ ଭାରତକୁ ବ୍ୟସ୍ତରଖି ଅନ୍ୟପଟେ ଚୀନ୍ ସୀମାନ୍ତରେ ସୈନ୍ୟ ଠୁଳ କରିଚାଲିଥିଲା । ଅଧିକରୁ ଅଧିକ ନୂଆ ଭାରତୀୟ ଅଞ୍ଚଳକୁ ଚୀନ ସେନାର ଅନୁପ୍ରବେଶ ଜାରି ରହିଥିଲା । ସଂସଦରେ ବିରୋଧୀ ସମାଲୋଚନାର ଚାପରେ ଯେତେବେଳେ ରାଜନୈତିକ ନେତୃତ୍ୱ ଅନୁପ୍ରବେଶକାରୀ ଚୀନସେନାକୁ ହଟାଇବା ପାଇଁ ଆଦେଶ ଦେଲେ ସେତେବେଳେ ଏହି ଆଦେଶକୁ କାର୍ଯ୍ୟକାରୀ କରିବାପାଇଁ ଭାରତୀୟ ସେନା ହଠାତ ରାଜି ହୋଇପାରି ନ ଥିଲେ । ସେନା କର୍ତ୍ତୃପକ୍ଷ ଜାଣିଥିଲେ ଅନୁପ୍ରବେଶକାରୀଙ୍କୁ ହଟାଇବାଲାଗି ସାମରିକ କାର୍ଯ୍ୟାନୁଷ୍ଠାନର ଅର୍ଥ ପ୍ରତିପକ୍ଷ ସହ ଯୁଦ୍ଧ । ସାଂପ୍ରତିକ, ସ୍ୱାଧୀନତା ରାଜନୈତିକ ପରିସ୍ଥିତି ସହ ଅପ୍ରସ୍ତୁତ ସାମରିକ କୌଶଳ ଅସ୍ତ୍ରଶସ୍ତ୍ର ଅଭାବହେତୁ ଯୁଦ୍ଧ ପାଇଁ କିନ୍ତୁ ଭାରତୀୟ ସେନା ପ୍ରସ୍ତୁତ ନଥିଲା । ଉଭୟ ସୈନ୍ୟବଳ ଓ ସାଧନା ଅଭାବ ଥିଲା । କିନ୍ତୁ ଶେଷରେ, ତତ୍କାଳୀନ ଭାରତୀୟ ସେନାମୁଖ୍ୟ ପି.ଏନ୍. ଥାପରଙ୍କ କୁଣ୍ଠା ସତ୍ତ୍ୱେ ରାଜନୈତିକ ନେତୃତ୍ୱଙ୍କ ଚାପରେ ଭାରତୀୟ ସେନାକୁ ବିନା ପ୍ରସ୍ତୁତିରେ ଯୁଦ୍ଧଭୂଇଁକୁ ଓହ୍ଲାଇବାକୁ ପଡ଼ିଥିଲା ।



ଏଠାରେ ମୁଁ ଅତ୍ୟନ୍ତ ଗର୍ବର ସହିତ ଲେଖିବାକୁ ଚାହେଁ ଯେ ମୋ ସେନାବାହିନୀର ବୀରତ୍ୱର ଗାଥା ଅବର୍ଣ୍ଣନୀୟ । ମୋ ସେନା ପାଖରେ ବୀରତ୍ୱର ଅଭାବ ନ ଥିଲା । ଅଭାବ ଥିଲା କମାଣ-ବାରୁଦର ଅଭାବ । ଥିଲା ଅନ୍ୟ ସାମରିକ ସାମଗ୍ରୀର । ଉତ୍ତର-ପୂର୍ବର ହାଡ଼ଭଙ୍ଗା ଶୀତରେ ଭାରତୀୟ ଜବାନଙ୍କ ପାଖରେ ଗରମ ପୋଷାକ ନଥିଲା କି ଚମଡ଼ା ଯୋତା ନଥିଲା । ଚରମ ପ୍ରତିକୂଳ ପରିବେଶରେ ଏକ ଶକ୍ତିଶାଳୀ ପ୍ରତିପକ୍ଷ ସେନାସହ ଭାରତୀୟ ଜବାନମାନଙ୍କୁ ଲଢ଼ିବାକୁ ପଡ଼ିଥିଲା । ଆଜି ଯୁଦ୍ଧର ଅଣଷଷ୍ଠି ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜବାନ ମାନଙ୍କୁ ସଲାମ ଜଣାଇବାକୁ ହେବ । କାରଣ ସେମାନଙ୍କ ପରମ ବୀରତ୍ୱ ଓ ଚରମ ତ୍ୟାଗ ଯୋଗୁଁ ହିଁ ଶତ୍ରୁବାହିନୀ ଅଧିକ ଆଗକୁ ବଢ଼ିପାରି ନ ଥିଲେ ଓ ଯୁଦ୍ଧରେ ବିରାମ ନେବାକୁ ବାଧ ହୋଇଥିଲେ । ସେହି ସମୟରେ ଭାରତୀୟ ସେନାଧକ୍ଷ ପି.ଏନ୍. ଥାପର ଘୋଷଣା ବି କରିଥିଲେ ଯେ ଆମେ ହାରିନାହୁଁ କି ଚୀନ ମଧ ଜିତିନାହିଁ । ଏହା ତାଙ୍କର ଭାବବିହ୍ୱଳତାର ଗହନ କଥା ଥିଲା ।

ବିଫଳତାରୁ ମଣିଷ ଶିକ୍ଷାଲାଭ କରେ । କିନ୍ତୁ ୧୯୬୨ର ବିଫଳତାରୁ ଭାରତୀୟ ନେତୃତ୍ୱ ବିଶେଷ କିଛି ଶିକ୍ଷାଲାଭ କରିପାରି ନାହାନ୍ତି । ଭାରତୀୟ ସୀମାନ୍ତରେ ୫୯ ବର୍ଷ ତଳେ ଯେଉଁ ନିରାପତ୍ତା ପରିବେଶ ଥିଲା, ଆଜିର ପରିବେଶ ତା'ଠାରୁ ବିଶେଷ କିଛି ଭିନ୍ନ ନୁହେଁ । ବରଂ କୁହାଯାଇପାରେ ପରିବେଶ ଅଧିକ ଖରାପ । କିନ୍ତୁ ସେହି ଅନୁପାତରେ ଭାରତର ସାମରିକ ପ୍ରସ୍ତୁତି ପର୍ଯ୍ୟାପ୍ତ ନୁହେଁ । ତିନି ସେନାର ଆଧୁନିକୀକରଣ କାର୍ଯ୍ୟ ମନ୍ଥର । ରାଜନୈତିକ ନିଷ୍ପତ୍ତି ଅଭାବରୁ ହଜାର ହଜାର କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା ଥିଲେ ମଧ ପ୍ରତିରକ୍ଷା ସାମଗ୍ରୀ କିଣାଯାଇ ପାରୁନାହିଁ । ସେନାରେ ହଜାର ହଜାର ସଂଖ୍ୟାରେ ଅଫିସର ପଦବୀ ଖାଲି ପଡ଼ିଛି । ବହୁସଂଖ୍ୟାରେ ଜବାନ ଆଗୁଆ ଅବସର ନେଉଛନ୍ତି । ସାମରିକ ସରଞ୍ଜାମ କ୍ଷେତ୍ରରେ ଚାହିଦା ଓ ଯୋଗ୍ୟତା ମଧ୍ୟରେ ବିରାଟ ପାର୍ଥକ୍ୟ ରହିଛି । ପ୍ରତିରକ୍ଷା ପ୍ରସଙ୍ଗରେ କୁହାଯାଏ, ନିରନ୍ତର ପ୍ରସ୍ତୁତି ଏବଂ ସଜାଗ ହିଁ ନିରାପତ୍ତାର ଗ୍ୟାରେଣ୍ଟି । ସେନା ପ୍ରସ୍ତୁତି ଓ ସଜାଗ ଥିବାରୁ ୧୯୬୭ ଏବଂ ୧୯୮୬ରେ ଚୀନର ଆଉ ଦୁଇଟି ଆକ୍ରମଣ ଉଦ୍ୟମକୁ ପ୍ରତିହତ କରାଯାଇ ପାରିଥିଲା । କିନ୍ତୁ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ୧୯୩୦ର ପ୍ରସ୍ତୁତି ଓ ବନ୍ଧୁକ ଗୋଳା ଧରି ଭାରତୀୟ ସେନା ୧୯୬୨ର ଯୁଦ୍ଧ ଲଢ଼ିଲା । ଏବେ ୨୦୨୧ରେ ସେନାପାଖରେ ୧୯୬୦ର ପ୍ରସ୍ତୁତି ଓ ଗୋଳାବାରୁଦ ରହିଛି । ଏହି ମନ୍ତବ୍ୟରେ ସାମାନ୍ୟ ଅତିରଞ୍ଜିତ ଥିଲେ ମଧ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ସମୟ ଓ ପରିବର୍ତ୍ତନ ପରିବେଶ ସହ ଭାରତୀୟ ସେନାର ପ୍ରସ୍ତୁତି ସମାନୁପାତିକ ନୁହେଁ । ତେଣୁ ଆଜି ସମୟ ଆସିଛି ବିଗତ ଅଭିଜ୍ଞତାର ଶିକ୍ଷାଲାଭ କରି ଚୀନ ସହ ଯୁଦ୍ଧର ଅଣଷଷ୍ଠି ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ସେନାକୁ ବିଶ୍ୱର ସାମରିକ ଇତିହାସରେ ନମ୍ବର ୱାନ୍ କରିବା ସହିତ ଏକ ଅତ୍ୟାଧୁନିକ ଶକ୍ତିଶାଳୀ ବାହିନୀରେ ପରିଣତ କରିବାଲାଗି ନିଆଯାଇଥିବା ସଂକଳ୍ପକୁ କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏହାହିଁ ହେବ ୬୨ର ପୁନରାବୃତ୍ତି ବିରୋଧରେ ଶ୍ରେଷ୍ଠ ରକ୍ଷାକବଚ । ଶେଷରେ ସାମରିକ ଏକାଡ଼େମୀରୁ ପଦୁଟିଏ କୁହାଯାଇଛି ଯେ-

ପଛଘୁଞ୍ଚା ନାହିଁ ବୀରର ଜାତକେ
ନମରେ ସେ କେବେ ପରାଣ ଆତଙ୍କେ ॥
ପଛରୁ ଆଘାତ କରେ ଯେଉଁ ଦେଶ
ଗର୍ବ ନୁହେଁ ସେତ କିନ୍ନର ସଦୃଶ୍ୟ ॥
ଭାରତ ହାରିନି ଚାଇନା ଜିତିନି
ଭାରତ ମାତାର ଏ ନୁହେଁ କାହାଣୀ ॥
ପାକିସ୍ଥାନ ନୁହେଁ ଚଇନା ଆମର
ଶତ୍ରୁ ଅଟେ ସେହି ଭାରତ ମାତାର ॥
ବେଲହୁଁ ଚଇନା ହୁଅ ସାବଧାନ
ଧ୍ୱଂସ କରିଦେବେ ଭାରତ ଜବାନ୍ ॥

**ପ୍ରଦୀପ ସେନାପତି**
*ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସରକ୍ଷା ସଂଗଠନ, ଓଡ଼ିଶା ଓ ରାଜ୍ୟସ୍ତରୀୟ ସାମ୍ବାଦିକ ଓଡ଼ିଶା ନ୍ୟୁଜ ସର୍ଭିସ, ଓଡ଼ିଶା, ଜିଲ୍ଲାପାଳ ରୋଡ଼, ଭଦ୍ରକ ମୋ-୯୪୩୮୪୪୬୫୭୫*

# କାଳଜୟୀ ଗଣକବି ବୈଷ୍ଣବ ପାଣି

**ମା**ନବ ସୃଷ୍ଟି ସମୟରୁ ହିଁ ସାହିତ୍ୟର ସୃଷ୍ଟି ଘଟିଛି । ସାହିତ୍ୟର ମୂଳଉତ୍ସ ମନୁଷ୍ୟର ହୃଦୟ ଓ ଆତ୍ମାରେ ନିତ୍ୟ ବିଦ୍ୟମାନ । ସାହିତ୍ୟ ଓ ସୃଷ୍ଟି ମୁଦ୍ରାର ଦୁଇପାର୍ଶ୍ୱ, ଗୋଟିକୁ ଛାଡ଼ି ଅନ୍ୟଟି ତିଷ୍ଠି ରହିବା ଅସମ୍ଭବ । ଯେଉଁ ସାହିତ୍ୟରେ ଚିତ ଆଲୋକିତ ଓ ପ୍ରାଣ ପୁଲକିତ ହୁଏ, ମନୋରାଜ୍ୟରେ ଖେଳିଯାଏ ଅପୂର୍ବ ଶିହରଣ, ସେହି ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ହେଉଛନ୍ତି ଗଣକବି ବୈଷ୍ଣବ ପାଣି । ଯାହାର ସାଧନା, ତ୍ୟାଗ ଓ ଅବଦାନରେ ଓଡ଼ିଆ ସାହିତ୍ୟ ଅଜି ଉଜ୍ଜୀବିତ । ବୈଷ୍ଣବ ପାଣି ପବିତ୍ର କୁମାର ପୂର୍ଣ୍ଣିମା ଶୁକ୍ରବାର ରାତ୍ରୀ ତୁଳା ୧୨ ଦିନ ତା୨୭.୧୦.୧୮୮୨ ମସିହାରେ ଅବିଭକ୍ତ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜାତକର ପଚଂମ ଭାବରେ ତୃତୀୟାଧିପତି ରବି, ଲଗ୍ନ ଓ ଚତୁର୍ଥାଧିପତି ବୁଧ ଏବଂ ଏକାଦଶାଧିପତି ମଙ୍ଗଳ ଏକତ୍ର ଅବସ୍ଥିତ ଏବଂ ପଚଂମ ଭାବସ୍ଥ ଗ୍ରହକୁ ବୃହସ୍ପତି ଦୃଷ୍ଟି ଅଛି । ମଙ୍ଗଳ ଓ ଶୁକ୍ରଙ୍କର ଗୃହ ପରିବର୍ତ୍ତନ ଯୋଗୁ ସେ ଜଣେ ଶ୍ରେଷ୍ଠ କବି ହୋଇ ପାରିଛନ୍ତି । ତାଙ୍କ ପିତାଙ୍କ ନାମ ସୁଦର୍ଶନ ପାଣି ଓ ମାତାଙ୍କ ନାମ ଚାନ୍ଦ ଦେବୀ । ସେ ବାଲ୍ୟାବସ୍ଥାରୁ ରୋଗାକ୍ରାନ୍ତ ଥିଲେ । ତାଙ୍କୁ ପୁରୀର ବଡ଼ଛତା ମଠକୁ ନେଇ ବୈଷ୍ଣବ ନାମରେ ନାମିତ କରି ସେଠାରେ ଛାଡ଼ି ଦିଆଯାଇଥିଲା । ତାଙ୍କର ପିଲା ବେଳର ନାମ ଥିଲା ଶତ୍ରୁଘ୍ନ । ଅଭାବୀ ପରିବାର ଓ ଅର୍ଥ ଅଭାବରୁ ଷଷ୍ଠ ଶ୍ରେଣୀରୁ ବୈଷ୍ଣବଙ୍କ ପାଠପଢ଼ାରେ ଡ଼ୋରି ବନ୍ଧା ହୋଇଥିଲା । ବହୁ କଷ୍ଟରେ ତାଙ୍କର ପିତାମାତା ଏଗାରବର୍ଷ ବୟସରେ ବ୍ରତୋପନୟନ କରାଇଥିଲେ । ପେଟ ପୋଷିବା ପାଇଁ ତାଙ୍କୁ ଗାଈ ଚରାଇବାକୁ ପଡୁଥିଲା । ପରେ ସେ କୋଠପଦା ମଠରେ ରୋଷେଇଆ ଭାବରେ ରହିଲେ । ମଠର ବଗିଚାରୁ ଫୁଲ ତୋଳୁଥିବା ବେଳେ ତାଙ୍କର ଗୀତଶୁଣି ମଠର ମହନ୍ତ ତାଙ୍କୁ ଯାତ୍ରା



ଦଳରେ ନେଇଥିଲେ । ସେଠାରୁ ତାଙ୍କର କଳା ପ୍ରତିଭା ପ୍ରକାଶ ପାଇଲା । ପରେ ପରେ ସେ ପାଲାଗାୟକ ଓ ନୃତ୍ୟରେ ଗୃହ ଶିକ୍ଷକ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଜୀବନ ଅତିବାହିତ କରୁଥିଲେ । କିଛି ଦିନ ପରେ ସେ ଯାତ୍ରାଦଳରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଲେ ।

୧୯୦୩ ମସିହାରେ ନାଟ୍ୟକାର ଭାବେ 'ମେଘନାଦ ବଧ' ରଚନା ରିଥିଲେ । ଏହି ନାଟକ ଥିଲା ତାଙ୍କର ପ୍ରଥମ ସୃଷ୍ଟି, ପରେ ପରେ ସେ ଅନେକ ଗୀତିନାଟ୍ୟ, ନାଟକ, ଭଜନ, ଜଣାଣ, ଚଉତିଶା, ସୁଆଙ୍ଗ, ଫାର୍ସ ଓ ଅନ୍ୟାନ୍ୟ ସମାଜ ସଚେତନମୂଳକ ବିଷୟ ରଚନା କରିଥିଲେ । ସେ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗୀତ ପରିବେଷଣ କରି ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସରକାରଙ୍କ ନିର୍ଦ୍ଦେଶରେ ବହୁ ସମର ସଙ୍ଗୀତ ରଚନା କରି ପୁରସ୍କାର ଲାଭ କରିଥିଲେ । କନିକା ରାଜ୍ୟରେ ସେ ଜଣେ ଯାତ୍ରା ଜଗତର ଗୁରୁ ଭାବେ ପରିଚିତ ହୋଇଥିଲେ । ୧୯୦୧ ମସିହାରେ ବୈଷ୍ଣବ ପାଣି ଦେବିଲ ଗ୍ରାମ ନିବାସୀ ଜୟରାମ ପଣ୍ଡାଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଦାରିଦ୍ର୍ୟତା ତାଙ୍କୁ ଅନେକ କଷ୍ଟ ଦେଇଥିଲା । ଜୀବନର ପ୍ରତି ସୋପାନରେ ଦୁଃଖ, ଯନ୍ତ୍ରଣା, କଷ୍ଟ ଓ ଅପମାନ ଭୋଗ କରିଥିଲେ । ତଥାପି ସେ ସାହିତ୍ୟକୁ ନିଜର ବୃତି ବୋଲି ଧରି ନେଇଥିଲେ । ତାଙ୍କର ଲେଖାଗୁଡ଼ିକ ଧନୀ, ଗରିବ, ଉଚ୍ଚ, ନୀଚ ନ ମାନି ସମସ୍ତଙ୍କ ପାଖରେ ପହଂଚିପାରୁଥିଲା । ତାଙ୍କର ଗୀତିନାଟ୍ୟ ଦେଶାତ୍ମବୋଧକ ଚିନ୍ତାଧାରା ଓ ସମାଜ ସଂସ୍କାରକ ଉପରେ ଆଧାରିତ । ସେ ଅନୁଭବ କରିଥିଲେ ସୁଖ , ସୁବିଧା ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସାହିତ୍ୟ ସୃଷ୍ଟି ଅସମ୍ଭବ । ଓଡ଼ିଶାର ଗୀତିନାଟ୍ୟକାର ନାୟକ ହିସାବରେ ସେ ବହୁ ଉର୍ଦ୍ଧ୍ୱରେ । ତାଙ୍କର ହାସ୍ୟ ଓ ବ୍ୟଙ୍ଗଭରା ଗୀତନାଟ୍ୟ ଅତି ହୃଦୟସ୍ପର୍ଶୀ ।

ଗଣକବି ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ସୁଆଙ୍ଗ ପ୍ରାୟ ତିରିଶ ଖଣ୍ଡରୁ ଉର୍ଦ୍ଧ୍ୱ, ଗୀତାଭିନୟ ୨୫ ଖଣ୍ଡ , ୬୫ଟି କାବ୍ୟ, ଗୀତିନାଟ୍ୟ ପ୍ରାୟ ୧୨୦ ଖଣ୍ଡରୁ ଅଧିକ । ତାଙ୍କର ରଚନା ମଧ୍ୟରୁ ଅନେକ ପ୍ରକାଶିତ ହୋଇଛି । ତାଙ୍କର ଅନେକ ରଚନା ଲୋକଲୋଚନକୁ ଆସିପାରିନାହିଁ । ସେ ନିଜର ଏକ ଆତ୍ମକାହାଣୀ ରଚନା କରିଥିଲେ । ଆର୍ଥିକ ଅନାଟନ ଓ ଶାରୀରିକ ଅସୁସ୍ଥତା ମଧ୍ୟରେ ସେ ଜୀବନ ଅତିବାହିତ କରୁଥିଲେ । ଆର୍ଥିକ ସାହାଯ୍ୟ ପାଇଁ ହରେକୃଷ୍ଣ ମହାତାବଙ୍କ ପାଖକୁ ପତ୍ର ପ୍ରେରଣ କରିଥିଲେ । ପରିଶେଷରେ ୧୯୫୬ ମସିହାରେ ବୈଶାଖ ମାସ ଅମାବାସ୍ୟା ଗୁରୁବାର ଦିନ ମେ' ମାସ ୧୦ ତାରିଖରେ ୭୪ ବର୍ଷରେ ସେ ସ୍ୱର୍ଗାରୋହଣ କରିଥିଲେ । ୧୯୭୪ ମସିହାରେ ତାଙ୍କୁ ମରଣୋତର ଗଣକବି ଉପାଧି ପ୍ରଦାନ କରାଯାଇଥିଲା । ତାଙ୍କର ଗୀତାଭିନୟ ସୁଆଙ୍ଗ ଗୀତିନାଟ୍ୟ, ଫାର୍ସ, ଭଜନ, ଜଣାଣ, ଉପନ୍ୟାସ ଓ ଡୁଏଟ୍ ପାଇଁ ସେ ଗଣକବି କାଳଜୟୀ ସାହିତ୍ୟସ୍ରଷ୍ଟା ଭାବେ ଆମ୍ଭମାନଙ୍କର ହୃଦୟରେ ସବୁଦିନ ପାଇଁ ଅମର ହୋଇ ରହିବେ ।

**ଅକ୍ଷୟ କୁମାର ରାଉତ,**
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

## ସାହାସପୁରା ପଞ୍ଚାୟତରେ ଭୂତ ଖାଉଛି ଭତ୍ତା

ବାଲେଶ୍ୱର (ପିଏନ୍):-ବାହାନଗା ବ୍ଲକ ଅନ୍ତର୍ଗତ ସାହାସପୁରା ପଞ୍ଚାୟତରେ ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଛି । କେତେକ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ଉଠା ହୋଇଥିବା ଅଭିଯୋଗ ହେଉଛି । ଘଟଣାରୁ ପ୍ରକାଶ ଯେ ୧୬ ତାରିଖ ଦିନ ୩ ଜଣ ମୃତ ବ୍ୟକ୍ତିଙ୍କୁ ଭତ୍ତା ଦିଆଯାଇଥିବାରୁ ସେ ବାବଦରେ ଅଞ୍ଚଳବାସୀ ପାଟିତୁଣ୍ଡ କରିଥିଲେ । ସୀତା ଦଳେଇଙ୍କର ୭ ମାସ ପୂର୍ବରୁ ମୃତ୍ୟୁ ହୋଇଯାଇଥିଲେ ମଧ ତାଙ୍କର ନାମରେ ଭତ୍ତା ଟଙ୍କା ଉଠାଯାଇଛି । ସେହିପରି ସେକ ଆଇନଲ, ହାନିଫା ବିବିଙ୍କର ମୃତ୍ୟୁ ହୋଇଥିଲେ ମଧ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଛି । ଏହାକୁ କେନ୍ଦ୍ର କରି ଉପସ୍ଥିତ ଜନସାଧାରଣ, ସମିତି ସଭ୍ୟ ସୁଶାନ୍ତ ପଣ୍ଡା ପ୍ରମୁଖ ଭତ୍ତା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ । ଏହାର ସଠିକ୍ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବୀ କରିଛନ୍ତି । ଅନ୍ୟ ପକ୍ଷରେ ପଞ୍ଚାୟତରେ ମାତ୍ର ୫ ଜଣଙ୍କୁ ଭତ୍ତା ଅନଲାଇନରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଦିଆଯାଉଥିବା ବେଳେ ମଧୁବାବୁ ଭତ୍ତା ୧୯୮, ଇନ୍ଦିରାଗାନ୍ଧୀ ଭତ୍ତା ୯୭ ଓ ଦିବ୍ୟାଙ୍ଗ ଭତ୍ତା ୯୪ ଏହିପରି ମୋଟ ୩୮୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଳାମ୍ବର ମାହାଳିକ ପ୍ରକାଶ କରିଛନ୍ତି ।

## କେନ୍ଦ୍ରାପଡାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଡା. ପଟ୍ଟନାୟକ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ସଚେତନତା ରଥ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ଅଞ୍ଚଳ ୧୦ଦିନ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିବ । ସାମାଜିକ, ଅର୍ଥନୈତିକ ଏବଂ ଶାରୀରିକ ଅସୁସ୍ଥତା କାରଣରୁ ବୌଦ୍ଧିକ ବିକାଶ ହୋଇପାରୁ ନଥିବା ବିକଳାଙ୍ଗତା, ମାନସିକ ଚାପ, ବିମମେନସିଆ, ସିଜୋଫ୍ରେନିଆ ଆଦି ମାନସିକ ରୋଗ ଦେଖାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଅତ୍ୟଧିକ ମାନସିକ ଚାପରୁ ନିବୃତ୍ତ ରହିବା, ଯୋଗ ଓ ଶାରୀରିକ ପରିଶ୍ରମ ନିୟମିତ କରିବା, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଓ ପୃଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ମାନସିକ ରୋଗଠାରୁ ଜଣେ ଲୋକ ଦୂରେଇ ରହିପାରିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ୍ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ଓ ଔଷଧ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ ହେଉଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ବୈଠକ ସଂଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦୁପୁର ପାୟଲ ମ୍ୟୁଜିକସ୍କୁଲ ପାଇଲା ପ୍ରକୃତିମିତ୍ର ପୁରସ୍କାର

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରର 'ପାୟଲ ମ୍ୟୁଜିକ ସ୍କୁଲ' କେନ୍ଦ୍ରାପଡା ବ୍ଲକ ପାଇଁ ୨୦୨୧ ମସିହାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ହୋଇଛି । ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲ, ବନ୍ୟପ୍ରାଣୀ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଓ ସର୍ବସାଧାରଣଙ୍କ ସହଯୋଗରେ ବ୍ୟାପକ ବୃକ୍ଷରୋପଣ କରି ସମୃଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଓଡିଶା ସରକାର ପ୍ରତିବ୍ଲକରେ ଗୋଟିଏ ଗୋଟିଏ ଅନୁଷ୍ଠାନକୁ ପ୍ରକୃତିମିତ୍ର ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରିଥାନ୍ତି । ଚଳିତ ବର୍ଷ ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ ସ୍କୁଲ ଏହି ପ୍ରକୃତିମିତ୍ର ପୁରସ୍କାର ପାଇଛି । ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ଡଃ. ଯଜ୍ଞଦତ୍ତ ପତି ଓ ସହକାରୀ ବନ ସଂରକ୍ଷକ ବିରଞ୍ଚି ନାରାୟଣ ସାମଲ ଯୋଗଦେଇଥିଲେ । ପ୍ରକୃତିମିତ୍ର ପୁରସ୍କାରକୁ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଗ୍ରହଣ କରିଥିଲେ । ଆହୁରି ଆଗକୁ ବ୍ୟାପକ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିବା ଶ୍ରୀ ସାମଲ ଏହି ସଭାରେ ଘୋଷଣା କରିଥିଲେ । ପ୍ରକୃତିମିତ୍ର ପୁରସ୍କାର ପାଇଥିବାରୁ ପାୟଲ ମ୍ୟୁଜିକସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ଉଲ୍ଲସିତ ହୋଇପଡିଛନ୍ତି ॥

## ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ତୈଳ/ରନ୍ଧନ ଗ୍ୟାସ/ ଅତ୍ୟାବଶକୀୟ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ରାସ୍ତା ଅବରୋଧ

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ରଙ୍କ ନେତୃତ୍ୱରେ ତୈଳ / ରନ୍ଧନଗ୍ୟାସ / ଅତ୍ୟାବଶ୍ୟକୀୟ ସାମଗ୍ରୀର ଭୟଙ୍କର ଦରବୃଦ୍ଧି ପ୍ରତିବାଦରେ ମାଷ୍ଟରକ୍ୟାଂଟିନଠାରେ ଜନପଥ ରାସ୍ତାକୁ ଦେଢ଼ଘଂଟା ଧରି ଅବରୋଧ କରାଯାଇଥିଲା । ଦରବୃଦ୍ଧି ପଛରେ ଖଳନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ର କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତିରେ ଆଜି ପେଟ୍ରୋଲ/ଡିଜେଲ/ରନ୍ଧନଗ୍ୟାସ ଓ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଅତି ଅମାନବିୟ ଭାବରେ ବୃଦ୍ଧି କରାଯାଇଛି । ସାଧାରଣ ଜନତା ଅନୁଭବ କରୁଛନ୍ତି ରାଜ୍ୟରେ ଓ ଦେଶରେ ଆଉ ଗଣତନ୍ତ୍ରର ଶାସନ ନାହିଁ । ଏଠାରେ ହିଟଲରୀ ଶାସନ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲେ ପେଟ୍ରୋଲ/ ଡିଜେଲ ଦର ୪୦ଟଙ୍କାରେ ସୀମିତ ରଖିବେ । ମନମୋହନ ସିଂ ସରକାରଙ୍କୁ ଲୋକଲୋଚନରେ ବଦନାମ କରିବାପାଇଁ ଏମାନେ ରାଜରାସ୍ତାରେ ଚିତ୍କାର କରୁଥିଲେ । ସେତେବେଳେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୧୨୦ ଡଲାର ଥିବା ବେଳେ ଭାରତରେ ପେଟ୍ରୋଲ ଲିଟର ୬୫ ଟଙ୍କା ଓ ଡିଜେଲ ଲିଟର ୫୫ ଟଙ୍କା ଓ ରନ୍ଧନଗ୍ୟାସ ଟାଙ୍କି ୩୫୦ ଟଙ୍କାରେ ମିଳୁଥିଲା । ଏବେ ମୋଦି ସରକାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୦ ଡଲାରୁ ୮୦ ଡଲାର ପର୍ଯ୍ୟନ୍ତ ଯାଇଛି । ହେଲେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ଟାଙ୍କି ୧୦୦୦ ଟଙ୍କାରେ ପଂହଚିଛି । ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମୋଦି ସରକାରର ଏହି ଦରବୃଦ୍ଧି ଅତ୍ୟାଚାରକୁ ସମର୍ଥନ କରୁଛନ୍ତି । ଯୁବ ବିଜେଡ଼ି ଦଳ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । କାରଣ ନବୀନ ସରକାରରେ ମଧ ଏହି ଦରବୃଦ୍ଧିରେ ବଡ଼ ଅଂଶ ରହିଛି । ସୁତରାଂ ଦରବୃଦ୍ଧି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ସଂକୁନା କହଁର, କୃଷ୍ଣ ମହାନ୍ତି, ସୁବ୍ରତ ମହାପାତ୍ର, ସାଗର ପଟ୍ଟନାୟକ, ସୁରଜ ରାଉତ, ବଳରାମ ନନ୍ଦ, ବିଶ୍ୱଜିତ ଦାସ, ଅବଦୁଲ ସାହାରୁଖ ଖାନ, ସାସ୍ୱତ ନନ୍ଦ, ପିୟୁଷ ରଂଜନ ଜେନା, ପ୍ରତ୍ୟୁଷ ପ୍ରଧାନ, ପ୍ରତ୍ୟୁଷ କହଁର, ରାଜେଶ ନାୟକ, ସିଦ୍ଧାର୍ଥ ମଲ୍ଲିକ, ସାମସନ ଦାସ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଇଂ ପ୍ରହଲ୍ଲାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା (ପିଏନ୍) : ଇଂ ଅଧିକାରୀ ପ୍ରହଲ୍ଲଦ ଦାସଙ୍କ ଏକାଦଶାହ ଉପଲକ୍ଷେ ଟାଉନବଳରାମପୁରସ୍ଥିତ ଶ୍ରଦ୍ଧାଞ୍ଜଳି ପ୍ୟାଲେସରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ଆଇନଜୀବୀ ପ୍ରଦିପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସମାଜସେବା ପ୍ରତି ଥିବା ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏଥିରେ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ସମାଜସେବୀ ଇଂ ମୂରଲୀଧର ସେଠୀ, ଡିଏସପି କାର୍ତ୍ତିକ ମଲ୍ଲିକ,ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଡେରାବିଶ ବ୍ଲକ ଅଧକ୍ଷ ସରୋଜ ସାହୁ ପ୍ରମୁଖ ଯୋଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ସାହୁ, ନିହାର ମଲ୍ଲିକ, ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ପୁତ୍ର ପ୍ରତାପ ଚନ୍ଦ୍ର ଦାସ ଆଲୋକ ସାହୁ, ରାକେଶ ମହାପାତ୍ର, ରଞ୍ଜିତ ସାହୁ, ମଙ୍ଗଳବରଣ ସିଂ, ହିରଣ୍ୟ ପଣ୍ଡା, ପ୍ରକୃତିବନ୍ଧୁ ପାର୍ଥସାରଥୀ ବେହେରା, ଶକ୍ତିକାନ୍ତ ପାତ୍ର, ଲେଲିନ ସ୍ୱାଇଁ, ଅମୀୟ ନାୟକ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ବିଜେପି ନେତା ସୁନାକର ବେହେରା, ଉପିନ ରାଉତ, ଗୋବିନ୍ଦ ଚନ୍ଦ୍ର ମହାରଣା, ସମାଜସେବୀ ସନ୍ତୋଷ କୁମାର ବେହେରା, ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସାଇନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୨୦

# ସାଧାରଣ ଜ୍ଞାନ

***ପାରିପାର୍ଶ୍ୱିକ ଘଟଣାବଳୀଗୁଡିକର ସ୍ମରଣୀକା ପ୍ରବାହ କରିବାରେ ଧୁରନ୍ଧର ମଣିଷକୁ ସାଧାରଣ ଜ୍ଞାନରେ ବିଚକ୍ଷଣ ବୋଲି ବିବେଚିତ କରି ଅନେକ ସାମାଜିକ ଶୀର୍ଷ କ୍ଷେତ୍ରରେ ଅବସ୍ଥାପିତ କରାଯାଇଥାଏ! ହେଲେ ବାସ୍ତବିକ ସାଧାରଣ ଜ୍ଞାନ କ'ଣ କେହି ଜାଣନ୍ତି, ନା ସମୟ ସ୍ରୋତରେ ପ୍ରଚଳିତ ଏହି ଭାବଧାରାହିଁ ପ୍ରକୃତ ସାଧାରଣ ଜ୍ଞାନ?!!***



ଜଣେ ବିଦ୍ୟାର୍ଥୀ ତା'ର ପୋଥିଗତ ଶିକ୍ଷା ବିଷୟ ସହିତ ପାରିପାର୍ଶ୍ୱିକ ଘଟଣାବଳୀଗୁଡିକର ପ୍ରଖର ସ୍ମରଣିକା ପ୍ରବାହ କରିବାରେ ସାମର୍ଥ୍ୟ ଅର୍ଜନ କରିପାରିଲେ ସେ ସାଧାରଣ ଜ୍ଞାନର ପ୍ରଚଣ୍ଡ ଅଧିକାରୀ ବୋଲି ଗ୍ରହଣ କରାଯିବା ସହିତ ତାକୁ କୌଣସି ସାମାଜିକ ବ୍ୟବସ୍ଥାର ଶୀର୍ଷ କ୍ଷେତ୍ରରେ ଅବସ୍ଥାପିତ କରିବା ପ୍ରାବଧାନ ରଖିଅଛି ଆମ ଦେଶର ସମ୍ବିଧାନ । ପ୍ରକୃତରେ ତାହା ସାଧାରଣ ଜ୍ଞାନ ଅନ୍ତର୍ଭୁକ୍ତ ନା ସାଧାରଣ ଜ୍ଞାନର ଆଉ କିଛି ବାସ୍ତବତା, ସତ୍ୟତା ରହିଛି ତାହାରି ଉପରେ କାହାର ଅନୁଶୀଳନ, ତର୍ଜମା ମୂଳକ ନିରୀକ୍ଷଣ ନାହିଁ ! କେବଳ ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଚଳିତ ଏହି ପ୍ରଥାକୁ ଆମେ ଅଦ୍ୟାବଧି ଅନୁକରଣ କରି ଚାଲିଥିବା ବେଳେ ଭାରତୀୟ ସଂସ୍କୃତି ଅନୁଯାୟୀ ସାଧାରଣ ଜ୍ଞାନର ସଜ୍ଞା ଭିନ୍ନ । କିନ୍ତୁ ଯେହେତୁ ଆମ ପୂର୍ବଜମାନେ ବ୍ରିଟିଶ ବ୍ୟବସ୍ଥା ସହିତ ପୂର୍ବରୁ ଓତପ୍ରୋତଃ ଭାବେ ଜଡିତ ଥିଲେ ତେଣୁ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଅଦ୍ୟାବଧି ଆମେ ସେହି ବ୍ରିଟିଶ ବ୍ୟବସ୍ଥାକୁ ଭୁଲିପାରୁ ନାହିଁ । ଭାରତୀୟ ସଂସ୍କୃତି ଚୂଲିକୁ ଗଲେ ମଧ୍ୟ ବ୍ରିଟିଶଙ୍କୁ ସମ୍ମାନ ପ୍ରଦର୍ଶନ କରି ଜୀବନ ଅତିବାହିତ କରାଯିବା ଏକପ୍ରକାର ଆମ ଜିନ୍‌ରେ ମିଳାଇ ଗଲାଣି ! ତେଣୁ ଆମେ ଆଉ ସେହି ବ୍ୟବସ୍ଥାକୁ ପରିବର୍ତ୍ତନ କରି ଭାରତୀୟ ମନୋଭାବକୁ ଆପଣେଇ ନେବା ସମ୍ଭବ ଭଳି ମନେ ହେଉନାହିଁ ଆମର । ବ୍ରିଟିଶ ବ୍ୟବସ୍ଥା ଭାରତୀୟ ସଂସ୍କୃତି ତୁଳନାତ୍ମକ ଉତ୍ତମ କି ଏହା ଆମର ନିର୍ବୋଧତାର ପରିଚିତି ବିଚାର କରନ୍ତୁ ସୁଜନେ...!

ମାନବବାଦର ଦାର୍ଶନିକ ତତ୍ତ୍ୱରେ ଭରପୁର ଭାରତବର୍ଷର ସଂସ୍କୃତି ପୃଥିବୀର କୌଣସି ସ୍ଥାନରେ ଦେଖାଯିବ ନାହିଁ । ତେଣୁ ଭାରତରେ କୌଣସି ବୈଜ୍ଞାନିକ ଏବଂ ବ୍ୟବସାୟିକ ପଦ୍ଧତିର ଉଦ୍ଭାବନ / ଆବିଷ୍କାର ହୋଇ ନ ଥିଲେ ମଧ୍ୟ ପୃଥିବୀର କୋଣ ଅନୁକୋଣରେ ପରିଚିତ ଆମ ଦେଶ ତାହାର ସାଂସ୍କୃତିକ ଭାବଧାରାକୁ ନେଇ । ଏକଥା ସତ୍ୟ ଯେ ଆମେ ପ୍ରାୟତଃ ସମସ୍ତ ବୈଜ୍ଞାନିକ ପ୍ରୟୋଗ ବିଦେଶରୁ ଶିକ୍ଷା କରିଛୁ । ହେଲେ ଆମ ଦେଶ ସଂସ୍କୃତି , ସଂସ୍କାର କୋଉଠି ନାହିଁ । କିନ୍ତୁ ଭାରତରେ ବ୍ରିଟିଶ ପ୍ରବେଶ ପରବର୍ତ୍ତୀ ଯେଉଁସବୁ ପରିବର୍ତ୍ତନ ଲକ୍ଷ କରା ଯାଉଅଛି ପ୍ରାୟତଃ ଆମ ପୂର୍ବଜଙ୍କ ସବୁ ସଂସ୍କାରକୁ ଜାଳିପୋଡ଼ି ପାଉଁଶ କରି ସାରିଲାଣି ଯାହା ସମସ୍ତଙ୍କୁ ଗୋଚର । ହେଲେ ବ୍ରିଟିଶ ସମ୍ବିଧାନର ନକଲ ବର୍ତ୍ତମାନର ପ୍ରଚଳିତ ଭାରତୀୟ ସମ୍ବିଧାନ କ'ଣ ଆଉ କେବେ ଆମ ପୂର୍ବ ସ୍ମୃତି ଫେରାଇ ଆଣି ପାରିବ ? ସନ୍ଦେହ !!

ମାନବିୟ ମନସ୍ତାତ୍ତ୍ୱିକ ଅବଚେତନ ଜ୍ଞାନ ବହିର୍ଭୁତ ବ୍ରିଟିଶ, ଅନେକ ବୈଜ୍ଞାନିକ, ବ୍ୟବସାୟୀକ ଗୁଣରେ ଆମଠାରୁ ଉର୍ଦ୍ଧରେ ଥିଲେ ମଧ୍ୟ ସାମାଜିକ ସଂସ୍କାର, ମାନବିକ ଭାବଧାରା ସେମାନଙ୍କ ଶୂନ୍ୟ । ତେଣୁ ପ୍ରେତ୍ୟେକ କାର୍ଯ୍ୟଧାରା କେବଳ ସ୍ୱାର୍ଥ ସଂଯୋଜିତ ଏବଂ ବ୍ୟବସାୟୀକ ଭିତ୍ତିରେ କରିଥା'ନ୍ତି ସେମାନେ । ସେମାନଙ୍କ ଦ୍ୱାରା ନିୟୋଜିତ ସାମାଜିକ ଶିର୍ଷକ୍ଷେତ୍ରର ସେବକ ମାନଙ୍କୁ ସେମାନଙ୍କ ଆବଶ୍ୟକ ମୁତାବକ ନିୟୋଜିତ କରୁଥିଲେ ଯେଉଁ ପ୍ରଥା ଆଜିପର୍ଯ୍ୟନ୍ତ ଆମ ଦେଶରେ ପ୍ରଚଳିତ ହୋଇ ଆସୁଅଛି । ସେମାନଙ୍କ ଇଛା ମୁତାବକ ଯିଏ ଆବଶ୍ୟକ ସମୟରେ ଉପସ୍ଥିତ ବୁଦ୍ଧି ଚାଳନା କରି ଦମନ ଲୀଳାରେ କୃତକାର୍ଯ୍ୟ ହୋଇପାରିବ ସେହିଁ ବ୍ୟବସ୍ଥାର ଶୀର୍ଷ କ୍ଷେତ୍ରରେ ରହି ସେମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବାର ସୁଯୋଗ ପାଇବ ! ଅର୍ଥାତ କ୍ଷିପ୍ର ବୁଦ୍ଧି ସାଙ୍ଗକୁ ପ୍ରଖର ଅମାନବୀୟ ଚରିତ୍ର, ଚେହେରା ଥିବା ମଣିଷ ମାନଙ୍କୁ ପରଖି ନିଯୁକ୍ତି ଦିଆଯାଉଥିଲା ! ସେମାନେ ସମୟରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସାଧାରଣ ଲୋକଙ୍କୁ ଦମନ କରି ଖଜଣା ଆଦାୟଠାରୁ ଆରମ୍ଭ କରି ଶାସନର ଗୁଲାମ କରି ରଖିବାରେ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଆଜି ମଧ୍ୟ ଅନୁରୂପ ପଦ୍ଧତିରେ ପ୍ରଶାସନିକ କ୍ଷେତ୍ରର ମଣିଷମାନଙ୍କୁ ଚୟନ କରାଯିବା ଆବଶ୍ୟକତା/ଉଦ୍ଦେଶ୍ୟ କ'ଣ ଆମ ଜ୍ଞାତ ବହିର୍ଭୁତ ବିଷୟ ! ଯଦି ଏହି ପ୍ରକ୍ରିୟା ହିଁ ଶ୍ରେୟ ତାହେଲେ ସମାଜର ସର୍ବୋଚ୍ଚ ସ୍ଥାନିତ କରାଯାଉଥିବା ଶାସନ କ୍ଷମତାଧାରୀଙ୍କୁ ଅନୁରୂପ ପ୍ରକ୍ରିୟାରେ ଚୟନ କରାନଯିବା ପଛର ରହସ୍ୟ କ'ଣ ?

ଭାରତୀୟ ସଂସ୍କୃତି, ସଂସ୍କାର ଅନୁଯାୟୀ ମାନବୀୟ ଅବଚେତନ ଜ୍ଞାନ ତଥା ସାମାଜିକ ସଂସ୍କାରରେ ବ୍ରତୀ ମଣିଷଙ୍କୁ ଜ୍ଞାନୀ ଭାବେ ଗ୍ରହଣ କରାଯାଉଥିଲା । ସେମାନଙ୍କୁ ସାଧାରଣରେ ଜ୍ଞାନୀ ଭାବେ ସମାଜରେ ଗ୍ରହଣ କରାଯିବା ସାଙ୍ଗକୁ ସେମାନଙ୍କ ପ୍ରେରଣାରେ ସାମାଜିକ ପରିବର୍ତ୍ତନ ତଥା ସାମାଜିକ ସୁଧାର ଅଣାଯାଇ ପାରିବ ବୋଲି ଆମ ବିଚାର ଥିଲା ! ମାନବିକ ଚରିତ୍ର ଥିବା ଲୋକଙ୍କ ସାମାଜିକ ସମ୍ମାନ ଯଥେଷ୍ଟ ଉର୍ଦ୍ଧରେ ରହିଥିଲା । ଆଜି କିନ୍ତୁ ଆଉ ସେସବୁ ବିଷୟ କାହାର ମନ ମାନସରେ ନାହିଁ । ସମସ୍ତେ ବ୍ୟବସ୍ଥା ସହିତ ନିଜକୁ ଯୋଡ଼ିଦେଇ ଯାହା ହେଉଛି ଚାଲୁ ବୋଲି ବିଚାର ରଖିଛନ୍ତି ! ଅତଏବ ଶିକ୍ଷାର ପ୍ରମାଣପତ୍ର ଟିଏ ଯୋଗାଡ଼ କରିଦେଲେ, ସମାଜରେ ଶୀର୍ଷ କ୍ଷେତ୍ର ସ୍ଥାନିତ ହେବା ବ୍ୟବସ୍ଥାକୁ ଏକ ରକମ ବ୍ୟବସାୟୀକ ଭିତ୍ତିରେ ବିନିଯୋଗ କରି ପରିଚାଳିତ ବ୍ୟବସ୍ଥା ବିଷୟ ଭାବିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ଲାଗୁଛି ! କି ବ୍ୟବସ୍ଥା ଆମ ଦେଶର ! ସମସ୍ତେ ଏକ ଦିଗମୁଖୀ ହୋଇ ନିଜକୁ ନିଜେ ପ୍ରତାରିତ କରିବାରେ ବ୍ରତୀ !

ପ୍ରକୃତ ମାନବିକ ସାଧାରଣ ଜ୍ଞାନରେ ଭରପୁର ବିଚକ୍ଷଣ ମଣିଷ ମାନଙ୍କୁ ଶାସନ, ପ୍ରଶାସନିକ କ୍ଷେତ୍ରରେ ଯୋଡି ଦେଶର ଶାସନଭାର ପ୍ରଦାନ କରାଗଲେ ରାଷ୍ଟ୍ରର ପ୍ରକୃତ ଉନ୍ନତ୍ତି ସାଧିତ ହୋଇପାରିବ । ବ୍ରିଟିଶ ବ୍ୟବସ୍ଥାର ଅନୁକରଣ କରି ଚାଲିଥିବା ଉପସ୍ଥିତ ବ୍ୟବସ୍ଥା କୌଣସିମତେ ଗ୍ରହଣୀୟ ନୁହେଁ । କାରଣ ଏହି ବ୍ୟବସ୍ଥାରେ ବାସ୍ତବତା କମ୍, ଛଳନାତ୍ମକ ମୂଲ୍ୟାୟନ ଯଥେଷ୍ଟ ସମ୍ଭବ ! କେବଳ ଶିକ୍ଷାଗତ ପ୍ରମାଣପତ୍ର ଜଣେ ମଣିଷକୁ ମାନବୀୟ ବିଚାରଶୀଳ କରିପାରିବ ନାହିଁ । ତେଣୁ ପ୍ରମାଣପତ୍ର ମାଧ୍ୟମରେ ଗ୍ରହଣ କରାଯାଉଥିବା ପ୍ରଶାସନିକ ବ୍ୟବସ୍ଥାର ପରିବର୍ତ୍ତନ ଯଥେଷ୍ଟ ଆଶ୍ୟକତା ରହିଛି ଯାହା ଆମ ଭାବ ବହିର୍ଭୂତ ଅବସ୍ଥାରେ ଅଦ୍ୟାବଧି ପ୍ରଚଳିତ ସେହି ପୁରାତନ ବ୍ୟବସ୍ଥାର ସମାପ୍ତି ନିତାନ୍ତ ଜରୁରୀ । ଏହି ବ୍ରିଟିଶ ବ୍ୟବସ୍ଥାର ଅନ୍ତ କରି ଭାରତୀୟ ସାଂସ୍କୃତିକ ବିଚାରଧାରା ଉପରେ ଆଧାରିତ ସମ୍ବିଧାନ ଏବଂ ସାମ୍ବିଧାନିକ ଆଇନ ପ୍ରଣୟନ କରାଗଲେ ପ୍ରକୃତ ଜ୍ଞାନୀ ମାନଙ୍କୁ ସାମାଜିକ ଦାଇତ୍ୱ ମିଳିବା ସହିତ ଆମ ଦେଶର ପୂର୍ବ ଗୌରବ ଫେରି ଆସିବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା...।

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

***ଶାସ୍ତ୍ର ପ୍ରତି ଅଖଣ୍ଡ ବିଶ୍ୱାସ ରଖ, ସେହି ଶାସ୍ତ୍ର ହିଁ ତୁମ୍ଭଙ୍କୁ ସବୁ ବିପଦରୁ ରକ୍ଷାକରିବ ।***

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଦେଶ ସାଂପ୍ରଦାୟିକ ଫାସିବାଦ ଆଡକୁ ମୁହାଁଇଛି !

**ମାୟାଧର ନାୟକ**



***ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !***

ଭାରତବର୍ଷର ନାଭିକେନ୍ଦ୍ରରେ ଆଜି କମ୍ପନ ! ଗଣତନ୍ତ୍ର ଆଜି ରକ୍ତାକ୍ତ ! ଯୁଦ୍ଧ, ସାମ୍ପ୍ରଦାୟିକ ଦଙ୍ଗା, ଦୁର୍ନୀତି, ଅନୀତି, ଧର୍ଷଣ, ଗଣହତ୍ୟା ଓ ବିକୃତିର ବର୍ବରତାରେ ଅତିଷ୍ଠ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟ ଆଡକୁ ନେଇ ଯିବା ପାଇଁ ଉନ୍ମାଦନା, ଉତେଜନା ସୃଷ୍ଟି କରିବା ସଂଗେ ସଂଗେ ଜନଗଣଙ୍କ ଅଧିକାରକୁ ପଣ୍ୟ କରିବା ପାଇଁ କଦର୍ଯ୍ୟ, କୁତ୍ସିତ ଚରିତ୍ର ସଂହାର, ବାକ୍‌ଚାତୁରୀ, ଉଦ୍ଦଣ୍ଡ ନାଚ, ଗଣମାଧ୍ୟମରେ ନକଲି ଚେହେରା ପ୍ରଦର୍ଶନ ଓ ମିଥ୍ୟା ପ୍ରଚାର କରି ଭୋଟଦାତାମାନଙ୍କ ମଧ୍ୟରେ ବିଭ୍ରାନ୍ତ, ବିଦ୍ୱେଷ ଓ ଦ୍ୱନ୍ଦ ସୃଷ୍ଟି କରାଯାଉଛି । ଅନେକ ବର୍ଷ ହେଲା ଶିଳ୍ପପତି, ରାଜନୈତିକ ନେତା, ଅପରାଧୀ ଓ ପ୍ରଶାସକଙ୍କ ଅଶୁଭ ମୈତ୍ରୀ ଗଢି ଉଠିଛି । ଯାହାଫଳରେ ଅଳ୍ପସଂଖ୍ୟକ ଲୋକ ଲକ୍ଷପତିରୁ କୋଟିପତି ହେବାରେ ଲାଗିଛନ୍ତି । କୋଟି କୋଟି ମେହେନତି ଜନଗଣ ନାହିଁ ନଥିବା ଅଭାବରେ ହନ୍ତସନ୍ତ ହେଉଛନ୍ତି । କାମ ନାହିଁ, ଖାଦ୍ୟ ନାହିଁ, ଜମିରେ ଜଳ ନାହିଁ, ଚାରିଆଡେ ନାହିଁ ନାହିଁର ନକ୍‌ସା । ଏବେ ରାଜନୀତି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି । ନିର୍ବାଚନରେ ଦେଶବାସୀଙ୍କ ପାଇଁ କୌଣସି ଦଳର ବାସ୍ତବ ଆଭିମୁଖ୍ୟ ନାହିଁ । ଦଳମାନଙ୍କର ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦିଆଯାଇଛି–ସେ ସବୁ କେବଳ ପାଣିର ଗାର ।

ଭାରତବର୍ଷର ଜନସାଧାରଣ ଆଜି ଜଳକା ହୋଇ ଚାହିଁ ରହିଛନ୍ତି–ମାରି ନେଉଥିବା ମହାପାତ୍ରମାନେ ବସିଛନ୍ତି କ୍ଷମତାର ମସନଦ୍‌ରେ । ପ୍ରିୟାପ୍ରୀତି ତୋଷଣ ତ' ସାଧାରଣ କଥା–ଲାଂଚ, ମିଛ ଦୁର୍ନୀତିକୁ ଆଶ୍ରୟ ଓ ପ୍ରଶୟ ଦେଇଚାଲିଥିବା ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାରେ ହତ୍ୟା, ଗଣସଂହାର, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି ପରିଣତ ହୋଇସାରିଲାଣି ଗୋଟିଏ ଗୋଟିଏ ସ୍ୱାଭାବିକ ଚଳଣିରେ ।

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର । ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି-ଅଜସ୍ର ଚିହ୍ନ ବା ପ୍ରତୀକ– କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ । ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା- ଦଲାଲ୍‌ମାନେ-ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି । ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ-ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟ୍‌ଦାରମାନଙ୍କ ସହିତ । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ– ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା । କାହାକୁ ବିଶ୍ୱାସ କରିବା ? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା ? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ । ଯିଏ ଯେତେ ବେଶି ଦୁର୍ନୀତି କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା-ଯିଏ ଯେତେ ବେଶି ଗୁଣ୍ଡା ପୋଷି ପାରିଲା, ସିଏ ହେଲା ସେତେବଡ କରିତ୍‌କର୍ମା କାର୍ପଟ୍‌ଦାର ! ଏଇ ହେଉଛି ଆଜିର ହାଲ୍‌ଚାଲ୍ ।

ପ୍ରିୟ ବଂଧୁଗଣ, ଆପଣମାନେ ଲକ୍ଷ୍ୟ କରନ୍ତୁ– ଏ ରାଜନୀତି କାହାର ? ଏ ନେତାସବୁ କାହାର ? ଏ ଶାସନ ଓ ପ୍ରଶାସନ କାହାର ? ଆପଣମାନେ ଏ ପ୍ରଶ୍ନ ବାରମ୍ବାର ପଚାରନ୍ତୁ ସେମାନଙ୍କୁ–ଯେଉଁମାନେ କେବଳ ନିର୍ବାଚନ ବେଳେ ଆସି ମୁହଁ ଦେଖାନ୍ତି ଆପଣମାନଙ୍କ ଦୁଆରେ–ବଡ ବଡ କଥା କହନ୍ତି, ଭାଷଣବାଜି କରନ୍ତି, ମିଥ୍ୟା ଶପଥପାଠ କରନ୍ତି ବିନା ସଂକୋଚରେ । ଆମେ କ'ଣ ସେମାନଙ୍କୁ ବରଦାସ୍ତ କରିଚାଲିଥିବା ଏମିତି ସବୁଦିନେ ? ନିଜେ ଭୁଖା ରହି ମାନି ନେଉଥିବା ସେମାନଙ୍କ କପଟପସାକୁ ? ମୁଖା ଖସାଇବା ନାହିଁ ସେମାନଙ୍କ ମୁହଁରୁ ?

ଭାରତବର୍ଷ ଆଜି ଜ୍ୱଳନ୍ତ ଜତୁଗୃହ । ସବୁଠି ନିଆଁ ଲାଗିଚି–ସବୁଠି ନିଆଁ ଜଳୁଛି–ମଶାଣିରେ, ମନ୍ଦିରରେ, ମସ୍‌ଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନ୍‌ରେ, ଗାଆଁଗଣ୍ଡାରେ, ସହରରେ–ସବୁଠି ! ମଣିଷ ମନରେ ନିଆଁ ଲାଗିଛି-ନିଆଁ ଲାଗିଛି ପ୍ରବଂଚିତ ଜନତାର ସଂଚିତ ସ୍ୱପ୍ନରେ ! ଏ ନିଆଁ ଲିଭାଇବ କିଏ ?

ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖୀନ୍ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି, ଯେଉଁମାନେ ମାର୍ବଲ ମହଲର କାଠ-କୋଠରୀରେ ଶୋଇ ହିସାବଫର୍ଦ୍ଦ ପଢନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି– ସେମାନେ ଲିଭାଇବେ ନାହିଁ ଏ ନିଆଁ ।

ଏ ନିଆଁ ଲିଭାଇବେ ଆପଣମାନେ । ଜନଜାଗରଣର ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ– ଭବିଷ୍ୟତ ବଦଳିବ–ବ୍ୟବସ୍ଥା ବଦଳିବ–ବଦଳିବ ଏ ଉତପ୍ତ ଅବସ୍ଥା ।

ଆଜି ଭାରତବର୍ଷର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରି । ଯେଉଁଠି ଚାହିଁଲେ ବି କେବଳ ଗଦାଗଦା ନୈରାଶ୍ୟ, ଆତଙ୍କର ଅପଚ୍ଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ ! ଅସୁସ୍ଥ ରାଜନୀତି, ଦୁଃସ୍ଥ ଅର୍ଥନୀତି ପଙ୍ଗୁ କରିଦେଇଛି ଭାରତୀୟ ସମାଜ ବ୍ୟବସ୍ଥାକୁ । ଆମେ ସୀମାନ୍ତର ଶତ୍ରୁମାନଙ୍କୁ ସାମ୍ନା କରିପାରିଛୁ, ମାତ୍ର ଅନ୍ତରାଳର ଅରାତିମାନଙ୍କୁ ଚିହ୍ନି ବି ପାରିଲୁନାହିଁ ଏଯାବତ୍ । ଅସତ୍ ରାଜନେତା ଏବଂ ଅସାଧୁ ପୁଞ୍ଜିପତିମାନଙ୍କର ଅଶୁଭ ମୈତ୍ରୀ ଅଣନିଃଶ୍ୱାସୀ କରିସାରିଛି ଭାରତବର୍ଷକୁ–ଜନପ୍ରତିନିଧି ଭାବରେ ଆମେ ଯେଉଁମାନଙ୍କୁ ପଠାଉଛୁ ପାର୍ଲାମେଂଟକୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଇ ପୁଞ୍ଜିପତିମାନଙ୍କର ପୁତଳିକା ପାଲଟୁଛନ୍ତି ସେଠି–ପ୍ରତିବାଦର ପରମ୍ପରାରେ ଘୁଣ ଧରୁଛି, ରାଜନୀତି ପାଲଟୁଛି ବଚସ୍କର ଓ ବଶମ୍ବଦମାନଙ୍କର ସୁବିଧାବାଦୀ ରଣନୀତି !

ନଷ୍ଟ ରାଜନୀତି ସହିତ ଆଜି ଅପମିଶ୍ରିତ ହୋଇଛି ଭ୍ରଷ୍ଟ ଧର୍ମୀୟତା । ଧର୍ମର ଛଦ୍ମବେଶରେ ଅଧର୍ମ ଆଜି ସୃଷ୍ଟି କରୁଛି ଏକ ଅରାଜକ ଅବସ୍ଥା । ରାଜନୀତିର ସ୍ୱଧର୍ମକୁ କବଳିତ କରିସାରିଛି ଏ ଅଧର୍ମ । ହଣାକଟା ଚାଲିଛି, ଜଳାପୋଡା ଚାଲିଛି, ଧର୍ମ ଓ ସାଂପ୍ରଦାୟିକତାର ଯୂପକାଠରେ ବଳିପଡିଛି ନିରୀହ ମଣିଷ । ଅନ୍ଧଧର୍ମର ଅଗ୍ନିକାଣ୍ଡରେ ଜଳିଯାଉଛି କେତେ କାହାର ପରିବାର । ସବୁଠି ଖାଲି ହା-ହୁତାଶ ଆଉ ହାହାକାର । ସମଗ୍ର ଦେଶ ଯେମିତି ମୁହାଇଁ ଯାଉଛି ଗୋଟାଏ ଅନ୍ଧମୁହାଣି ଆଡକୁ...ସାଂପ୍ରଦାୟିକ ଫାସିବାଦର ଅତଳ ଆବର୍ତ ଗର୍ଭକୁ ! ଭାରତବର୍ଷର ସାଧାରଣ ମଣିଷ ଆଜି ଏଇ ଘନୀଭୁତ ଅନ୍ଧକାର ରାତ୍ରିରେ ବିକଳରେ ବାଟ ଅଣ୍ଡାଳୁଛି–ତା' ପାଇଁ ସାନ୍ତ୍ୱନା ନାହିଁ, ପଥ ନିର୍ଦ୍ଦେଶ ନାହିଁ-ନାହିଁ କେଉଁଠି ବିଶ୍ରାମର ଛୋଟ ଚଟିଘରଟିଏ ।

ଆଜି ଥିଲାବାଲା, ନଥିଲାବାଲା ମଧ୍ୟରେ ଲଢେଇ ଥମିଯାଇଛି । ନଥିଲାବାଲା ଲୋକେ ଦାରିଦ୍ର୍ୟ, ନିରକ୍ଷରତା, ଅଜ୍ଞତାର ଅନ୍ଧକାରରେ ଭୁଆଁ ବୁଲି ବିପଦବେଳେ ଭାଗ୍ୟ ଭଗବାନଙ୍କୁ ଗୁହାରି କରୁଛନ୍ତି । ଏହାର ସୁଯୋଗରେ ଦଳେ ଈଶ୍ୱର-ଆଲ୍ଲା, ରାମ-ରହିମ ନାଁରେ ଭୋଟ ବ୍ୟବସାୟ ଆରମ୍ଭ କରିଦେଇଛନ୍ତି ।

ହିଟ୍‌ଲରୀ ଫାସିବାଦ ଅପେକ୍ଷା ବର୍ତମାନର ଏ ସାଂପ୍ରଦାୟିକ ଫାସିବାଦ ଦେଶକୁ ଭୟଙ୍କର ବିପଦ ଆଡକୁ ଟାଣି ନେଉଛି । ସାଂପ୍ରଦାୟିକ ଶକ୍ତିମାନେ ମେଂଟ କରି ଫୁତ୍‌କାର ଛାଡୁଛନ୍ତି... ସେମାନଙ୍କ ହିଂସାର ହେଂତାଳରେ ଦେଶର ମାଟି, ପାଣି, ପବନ ଆଜି ଥରହର । ଧର୍ମନିରପେକ୍ଷ ବାମଗଣତାନ୍ତ୍ରିକ ଶକ୍ତିମାନଙ୍କ ମଧ୍ୟରେ ବାସ୍ତବ ମେଂଟ ଗଢିଉଠିନି । ଏହି ସାମ୍ମୁଖ୍ୟ ଯେତେଶୀଘ୍ର ଗଢି ନ ଉଠିବ ଏହି ଅଦୃଶ୍ୟ ମହାବିପଦ ଦେଶକୁ ଧ୍ୱଂସ ଆଡକୁ ଟାଣିନେବ । ହୁସିଆର...

***-ଯାଜପୁର ରୋଡ, ଯାଜପୁର***
***ମୋ: ୯୮୬୧୦୩୪୧୬୩***

# ସୋସିଆଲ ମିଡ଼ିଆର କରାମତି !

**ସୁବାସ କୁମାର ତାରଣିଆଁ**

ବର୍ତ୍ତମାନ ସୋସିଆଲ ମିଡ଼ିଆର ଯୁଗ। ମୋବାଇଲ୍‌ର ବହୁଳ ବ୍ୟବହାର ଫଳରେ ଆମ ସମାଜରେ କିଛି ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପକାଇଥାଏ। ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅପରାଧିକ କାର୍ଯ୍ୟରେ ଲିପ୍ତ ରହି ସୋସିଆଲ ମିଡ଼ିଆରେ ନିନ୍ଦିତ ଓ ଲଜ୍ଜିତ ହେଉଥିବା ବେଳେ ଆଉ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଜର କରିସ୍ମା ବଳରେ ରାତାରାତି ସୋସିଆଲ ମିଡ଼ିଆରେ ଲୋକଲୋଚନକୁ ଆସିଥା'ନ୍ତି ଓ ନିଜେ ଆତ୍ମନିର୍ଭରଶୀଳ ମଧ୍ୟ ହୋଇଥା'ନ୍ତି। କିଛିଦିନ ତଳେ ପ୍ରିୟା ପ୍ରକାଶ ନାମକ ଜଣେ ଯୁବତୀ ଆଖି ମାରି ରାତାରାତି ସାରା ଦେଶରେ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ଆଖିମରା ସମଗ୍ର ଯୁବପିଢିଙ୍କୁ ଆକୃଷ୍ଟ କରିପାରିଥିଲା। ଏହାପରେ ତାଙ୍କ ପାଖକୁ ହିନ୍ଦି ଓ ମାଲାୟଲାମ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ଅଫର ପରେ ଅଫର ଆସିଥିଲା। ରାତାରାତି ସେ ହୋଇ ଯାଇଥିଲେ ଜଣେ ଚର୍ଚ୍ଚିତ ଅଭିନେତ୍ରୀ।

ସରକାରୀ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ଦିନକୁ ଦିନ କମୁଥିବାରୁ ରାଜ୍ୟ ସରକାର ନିକଟରେ ସରକାରୀ ବିଦ୍ୟାଳୟଗୁଡ଼ିକ ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବାଲିପାଟଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଆମେଣାକୁଦ ସରକାରୀ ପ୍ରାଥମିକ ସ୍କୁଲ୍ ଅନ୍ୟ ଏକ ମାଇନର ସ୍କୁଲ୍‌ରେ ମିଶିଯିବା ପରେ ସେହି ସ୍କୁଲ୍‌ର ପ୍ରଥମ ଶ୍ରେଣୀର ୫ ବର୍ଷର ଛାତ୍ର ତ୍ରୈଲୋକ୍ୟ ରାୟ, ନିଜର ଅତି ପ୍ରିୟ ସ୍କୁଲ୍ ମିଶ୍ରଣକୁ ନେଇ ଗଣମାଧ୍ୟମ ଆଗରେ 'ମୁଁ ଇସ୍କୁଲ୍‌ରେ ପଢୁଛି, ମୁଁ ପ୍ରଥମ ଶ୍ରେଣୀରେ ପଢୁଛି, ମୁଁ ଶୁଣିଲି ଯେ ଇସ୍କୁଲ୍ କ'ଣ ଉଠିଯାଉଛି' କେଇପଦ କଥା ପ୍ରକାଶ କରିଥିଲେ ଯାହା ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହୋଇଥିଲା। ୟୁଟ୍ୟୁବ୍‌ରେ ଏହାକୁ ଲକ୍ଷାଧିକ ଲୋକ ଦେଖିସାରିଛନ୍ତି। ତ୍ରୈଲୋକ୍ୟଙ୍କ ଏହି କଥାକୁ ନେଇ ଏକ ରାପ୍ ସଙ୍ଗ ଗାଇଥିଲେ ଓଡ଼ିଶାର ଜଣାଶୁଣା ଗାୟକ ହ୍ୟୁମାନ ସାଗର। ଏହି ଗୀତଟି ବେଶ ସଫଳତା ସାଉଁଟିଥିଲା। ଉକ୍ତ ଗୀତରେ ତ୍ରୈଲୋକ୍ୟଙ୍କ କଣ୍ଠସ୍ୱରକୁ ବ୍ୟବହାର କରାଯାଇଥିଲେ ମଧ୍ୟ ତାଙ୍କୁ ଭିଡ଼ିଓରେ ସ୍ଥାନ ନଦେବା ଅତି ଦୁଃଖ ଓ ପରିତାପର ବିଷୟ। ଏହାପରେ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ଅଭିଜିତ ମଜୁମଦାରଙ୍କ ସହ ଗୀତ ଗାଇ ତ୍ରୈଲୋକ୍ୟ ବେଶ ଚର୍ଚ୍ଚାକୁ ଆସିଥିଲେ। ତ୍ରୈଲୋକ୍ୟଙ୍କ ଏହି ଗୀତକୁ ଶ୍ରୋତାମାନେ ବେଶ୍ ପସନ୍ଦ କରିଥିଲେ ଏବଂ ତ୍ରୈଲୋକ୍ୟ ରାତାରାତି ଜିରୋରୁ ହିରୋ ବନିଯାଇଥିଲେ ଓ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଥିଲା।

ସେହିପରି ୬ ବର୍ଷର ବାଳକ ବୁଦ୍ଧିଆ ସିଂ। ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ଏକ ଗରିବ ପରିବାରରେ ତାର ଜନ୍ମ। ମା' ସୁକାନ୍ତି ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ଅର୍ଥାଭାବରୁ ବୁଦ୍ଧିଆର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଦିନେ ବୁଦ୍ଧିଆ ବସ୍ତିରେ ଦୌଡୁଥିବାର ଦେଖି ଜଣାଶୁଣା ଜୁଡ଼ୋ କୋଚ୍ ବିରଞ୍ଚି ଦାସ ବୁଦ୍ଧିଆ ନିକଟରେ ଏକ ଲୁକ୍କାୟିତ ପ୍ରତିଭା ଥିବାର ଉପଲବ୍ଧି କରିଥିଲେ। ମା' ସୁକାନ୍ତିଙ୍କ ସହିତ ଆଲୋଚନା କରି ବୁଦ୍ଧିଆକୁ ସାଙ୍ଗରେ ନେଇ ଆସିଥିଲେ ବିରଞ୍ଚି ଦାସ। ବିରଞ୍ଚି ବୁଦ୍ଧିଆକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇ ଛୋଟ ବୟସରୁ ବୁଦ୍ଧିଆକୁ ଦୌଡ଼ାଦୌଡ଼ିରେ ଏତେ ପାରଙ୍ଗମ କରାଇଥିଲେ ଯେ, ମାତ୍ର ୬ ବର୍ଷ ବୟସରେ ସେ ଭୁବନେଶ୍ୱରରୁ ପୁରୀ ଦୀର୍ଘ ୩୫ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ି ଭାରତର ସର୍ବକନିଷ୍ଠ ଧାବକ ଭାବେ ଗିନିଜ ବୁକ୍‌ରେ ନାମ ଲେଖାଇଥିଲେ। ଏହାପରେ ବୁଦ୍ଧିଆର ପ୍ରତିଭା ଲୋକଲୋଚନକୁ ଆସିଥିଲା ଏବଂ ସେ ରାତିରାତି ଜିରୋରୁ ହିରୋ ବନି ଯାଇଥିଲେ। ତାଙ୍କ ନିକଟକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଥିଲା। ତୁହାକୁ ତୁହା ଗଣମାଧ୍ୟମରେ ଖବର ପରିବେଷଣ ଫଳରେ ବୁଦ୍ଧିଆ ପ୍ରତିଭା ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଥିଲା ଏବଂ ରାଜ୍ୟ ସରକାର ବୁଦ୍ଧିଆର ସମସ୍ତ ପାଠପଢା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବୁଦ୍ଧିଆର ଭାଗ୍ୟ ସବୁଦିନ ପାଇଁ ବଦଳି ଯାଇଥିଲା।

ଗତ କିଛିବର୍ଷ ତଳେ ରାନାଘାଟ ରେଳ ଷ୍ଟେସନରେ ଭିକ୍ଷାବୃତ୍ତି କରି ଗୁଜୁରାଣ ମେଣ୍ଟାଉଥିଲେ ରାନୁ ମଣ୍ଡଳ। ପୁରା ନାମ ରାନୁ ମାରିଆ ମଣ୍ଡଳ। ସ୍ୱାମୀ ପରିତ୍ୟକ୍ତା ଏବଂ ଠିକଣା ଜଣା ନଥିବା ଏହି ମହିଳା ଜଣକ ଭୁଲି ସାରିଥିଲେ ନିଜର ଅତୀତକୁ। ତାଙ୍କର ଦୈନନ୍ଦିନ କାମ ଥିଲା ରାନାଘାଟ ରେଳଷ୍ଟେସନରେ ଭିକ୍ଷା ବୃତ୍ତି କରିବା। କିନ୍ତୁ



ରାନୁଙ୍କ ନିକଟରେ ଥିଲା ଏକ ଲୁକ୍କାୟିତ ପ୍ରତିଭା, ଏକଥା କେହି ହୁଏତ ବିଶ୍ୱାସ କରୁ ନ ଥିଲେ। ଦିନେ ଷ୍ଟେସନରେ ଭିକ୍ଷାବୃତ୍ତି ସମୟରେ ରାନୁ ଲତା ମଙ୍ଗେସକରଙ୍କ 'ଇନ୍ ପ୍ୟାର୍‌କା ନଗମା ହେ' ଗୀତଟି ଗାଉଥିବା ସମୟରେ ଅତିନ୍ଦ୍ର ଚକ୍ରବର୍ତ୍ତୀ ନାମକ ଜଣେ ଇଞ୍ଜିନିୟରିଂ ଛାତ୍ର ଏହାକୁ ରେକର୍ଡ଼ିଂ କରି ନିଜ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ଼ କରିଦେଇଥିଲେ। ଠିକ୍ ତା'ପରେ ସୋସିଆଲ ମିଡ଼ିଆ ଦେଖାଇଥିଲା ଏହାର ଅସଲ କରାମତି। ଏହି ଭିଡ଼ିଓଟି ଖୁବ୍ କମ୍ ସମୟରେ ବିଜୁଳି ବେଗରେ ଭାଇରାଲ ହେବାକୁ ଲାଗିଥିଲା। ଏହାପରେ ସାରା ଦେଶର ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ରାନୁଙ୍କୁ ନେଇ ସବୁଠି ଚର୍ଚ୍ଚା ଚାଲିଥିଲା। ସଙ୍ଗୀତ ବିଦ୍ୟା ଶିକ୍ଷା କରି ନ ଥିବା ଓ ବିନା ସଙ୍ଗୀତ ଗୁରୁରେ ରାନୁ ଏତେ ସୁନ୍ଦର ଗୀତ ଗାଉଥିଲେ ଯେ, ସତେ ଯେପରି ତାଙ୍କ କଣ୍ଠରେ ସରସ୍ୱତୀ ବିଜେ କରିଛନ୍ତି। ରାନୁଙ୍କ ଦକ୍ଷତା ଜଣାପଡ଼ିବା ପରେ ଏକ ଟିଭି ଚ୍ୟାନେଲ୍ ପକ୍ଷରୁ ସେମାନଙ୍କର ରିଅଲିଟି ଶୋ ସୁପର ସିଙ୍ଗରରେ ଅତିଥି ଭାବେ ଆମନ୍ତ୍ରଣ କରାଯାଇଥିଲା ରାନୁଙ୍କୁ। ଏହିଠାରେ ହିଁ ନିଜର ଅଭିଜ୍ଞତା ବଖାଣିଥିଲେ ରାନୁ। ଏହାପରେ ବଲିଉଡ଼୍‌ର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ହିମେଶ ରେଶମିୟା ତାଙ୍କ ଚଳଚ୍ଚିତ୍ର ହ୍ୟାପି ହାର୍ଡି ଆଣ୍ଡ ହିର୍ ପାଇଁ ରାନୁ ଗାଇଥିଲେ 'ତେରି ମେରି କାହାନୀ' ଗୀତଟି ସାରା ଭାରତର ସଙ୍ଗୀତପ୍ରେମୀଙ୍କ ମନକୁ ସ୍ତମ୍ଭୀଭୂତ କରିଦେଇଥିଲା ଏବଂ ଏହି ଗୀତ ରେକର୍ଡ଼ିଂକୁ ହିମେଶ ନିଜେ ତାଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସେୟାର କରିଥିଲେ। ଏହାପରେ ରାନୁ ଆଉ ପଛକୁ ଫେରି ନଥିଲେ, ରାତାରାତି ସେ କଣ୍ଠଶିଳ୍ପୀ ପାଲଟି ଯାଇଥିଲେ। କେବଳ ଏହି ଗୀତ ପାଇଁ ରାନୁଙ୍କ ଭାଗ୍ୟ ସବୁଦିନ ପାଇ ବଦଳି ଯାଇଥିଲା। ସାରା ଦେଶର କୋଣ ଅନୁକୋଣରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଥିଲା।

ଇସଲାମାବାଦର ଜଣେ ଯୁବକ ଅରସାଦ ଖାନ। ୧୮ ବର୍ଷୀୟ ଏହି ଯୁବକ କେବେବି ଭାବିନଥିଲେ ଯେ ତାଙ୍କ ଭାଗ୍ୟ ସବୁଦିନ ପାଇଁ ବଦଳିଯିବ ବୋଲି। ସେଦିନ ଥିଲା ରବିବାର, ସକାଳେ ନମାଜ ପଢିସାରି ଅରସାଦ ବାହାରି ଯାଇଥିଲେ ସେହି ଚା ଦୋକାନକୁ ଯେଉଁଠି ସେ ନିଜେ ହିଁ କାମ କରୁଥିଲେ। ପାଠଶାଠ ବେଶି ପଢି ନ ଥିବା ତଥା ପିଲାଟି ଦିନରୁ ଦାରିଦ୍ର୍ୟର କଷାଘାତରେ ବଢିଆସିଥିବା ଏହି ଯୁବକ ଜଣକ ଦୀର୍ଘ ଚାରିବର୍ଷ ଧରି ସେହି ଚା ଦୋକାନରେ କାମ କରି ଆସୁଥିଲେ। ସେହି ଦିନ ହିଁ ତାଙ୍କ ଭାଗ୍ୟ ବଦଳିଯିବ ବୋଲି ସେ କଳ୍ପନା ସୁଦ୍ଧା କରି ନ ଥିଲେ। ରାତି ପ୍ରାୟ ୮/୯ ଘଟିକା ହେବ। ବଜାରରୁ ଭିଡ଼ ଆସ୍ତେ ଆସ୍ତେ କମି ଆସୁଥିବା ବେଳେ ହଠାତ୍ ତାଙ୍କ ଉପରେ ଫୋକସ କରିଥିଲା କ୍ୟାମେରା। ସେ କିଛି ଜାଣିବା ପୂର୍ବରୁ ତାଙ୍କର ନୀଳଆଖି ଲିପିବଦ୍ଧ ହୋଇ ଯାଇଥିଲା ସେ କ୍ୟାମେରା ଲେନ୍ସ ଭିତରେ। ସେହି ଗୋଟିଏ କ୍ଲିକ ହିଁ ଥିଲା ଯଥେଷ୍ଟ। ଅରସାଦ ଚାହିଁ ନଥିଲେ ତାଙ୍କ ଫଟୋ ଉଠାଇବାର କାରଣ। ଏହାର କିଛିଦିନ ପରେ ସେ ଭୁଲିଯାଇଥିଲେ ଏହି ଘଟଣାକୁ। ମାସେ ଦେଢମାସ ପରେ ଫଟୋ ଉଠାଇଥିବା ଉକ୍ତ ଯୁବକ ଜଣକ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲେ ଅରସାଦଙ୍କ ସେହି ଫଟୋଟିକୁ ଏବଂ ଏହା ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ସବୁ ଦିଗରୁ ପ୍ରଶଂସାର ଛୁଅ ଛୁଟିଥିଲା ଅରସାଦଙ୍କ ଷ୍ଟାଇଲସ୍ ଚେହେରା ଓ ନୀଳ ଆଖିକୁ ଦେଖି ଏବଂ ସବୁଠି ଚର୍ଚ୍ଚା ଚାଲିଥିଲା ଏହି ଘଟଣାକୁ ନେଇ। ଏଥିରେ କ'ଣ ରହସ୍ୟ ଅଛି ବୋଲି ପ୍ରଶ୍ନ କରିଥିଲେ ଅରସାଦ। ଏହାପରେ ତାଙ୍କ ଚା ଦୋକାନ ଆଗରେ ଗହଳି ଲାଗି ରହୁଥିଲା ସବୁ ସମୟରେ ଏବଂ ଲୋକମାନେ ତାଙ୍କ ଫଟୋ ଉଠାଇବାକୁ ଚାହିଁବାରୁ ଅରସାଦ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଥିଲେ ଓ ଭାବିଥିଲେ ତାଙ୍କର ଚାକିରୀ ଚାଲିଯିବ ନିଶ୍ଚିତ। କିନ୍ତୁ ତାଙ୍କର ସବୁ ଭାବନା ଭୁଲ୍ ପ୍ରମାଣିତ ହୋଇଥିଲା ଏବଂ ତାଙ୍କ ପାଖକୁ ମଡ଼େଲିଂ କରିବା ପାଇଁ ଅଫରର ସୁଅ ଛୁଟିଥିଲା। ତାଙ୍କ ପରିବାର ପ୍ରଥମେ ରାଜି ହେଉ ନ ଥିଲେ କିନ୍ତୁ ବହୁ ବୁଝାଶୁଝା ପରେ ଶେଷରେ ଅରସାଦଙ୍କ ପିତାମାତା ରାଜି ହୋଇଥିଲେ। ତା'ପରେ ଅରସାଦ ଭାଗ୍ୟ ବଦଳି ଯାଇଥିଲା ଏବଂ ସେ ହୋଇଗଲେ ମଡ଼େଲିଂ ଦୁନିଆର ଜଣେ ସଫଳ ମଡ଼େଲର।

୨୦୧୬ ମସିହାରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ-ରାମପୁର ବ୍ଲକ ଅନ୍ତର୍ଗତ ମେଲଘର ଗାଁର ଦାନ ମାଝୀ ନିଜ ପତ୍ନୀଙ୍କ ଶବକୁ ଦୀର୍ଘ ୧୦ କିଲୋମିଟର କାନ୍ଧରେ ବୋହି ଚାଲି ଚାଲି ଯିବା ଘଟଣାକୁ ନେଇ ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଶବ ବୋହିବା ଫଟୋଟି ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଦାନ ମାଝୀଙ୍କୁ ନେଇ ଗଣମାଧ୍ୟମରେ ଘନ ଘନ ଖବର ପ୍ରସାରଣ ହୋଇଥିଲା ଏବଂ ରାତାରାତି ଦାନ ମାଝୀ ଜିରୋରୁ ହିରୋ ବନି ଯାଇଥିଲେ। ସାରା ରାଜ୍ୟରୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଥିଲା। ଦାନ ମାଝୀଙ୍କ ଏହି କାର୍ଯ୍ୟପାଇଁ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିଥିଲେ। ଅନେକ ସଂସ୍ଥା ତରଫରୁ ତାଙ୍କୁ ଆର୍ଥିକ ସହାୟତା ମିଳିଥିଲା ଏବଂ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। କିଛିଦିନର ବ୍ୟବଧାନ ପରେ ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଦାନ ମାଝୀ। ସେତେବେଳେ ଏହି ଘଟଣା କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନଜରକୁ ଆସିବା ପରେ, ସେ ଦାନ ମାଝୀଙ୍କ ତିନିଝିଅଙ୍କୁ କିସ୍‌ରେ ରଖି ପାଠ ପଢାଇବାର ବ୍ୟବସ୍ଥା କରିଥିଲେ। ଚଳିତବର୍ଷର ମେଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଦାନଙ୍କ ଝିଅ ମାଟ୍ରିକ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ଯାହା କଳାହାଣ୍ଡି ଜିଲ୍ଲା ଜନଜାତି ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହିପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସୋସିଆଲ ମିଡ଼ିଆରେ ରାତାରାତି ସଫଳତାର ଶିଖରରେ ପହଞ୍ଚୁଥାନ୍ତି।

***-କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର***




# ନାମକୁ ମାତ୍ର ମିନି ଷ୍ଟାଡିୟମ, ରକ୍ଷଣାବେକ୍ଷଣ ପ୍ରତି କାହାର ଆନ୍ତରିକତା ନାହିଁ



ଖଣ୍ଡପଡା,(ପି.ଏନ): ରାଜରାଜୁଡା ଅମଳରୁ ଖଣ୍ଡପଡା ସହରର ମଧ ଭାଗରେ ଅବସ୍ଥିତ ମଧୁବନ କ୍ରୀଡାଙ୍ଗନକୁ ରାଜ୍ୟ ସରକାର ମିନି ଷ୍ଟାଡିୟମର ମାନ୍ୟତା ପ୍ରଦାନ କରିଛନ୍ତି । ଲକ୍ଷଲକ୍ଷ ଟଙ୍କା ବ୍ୟୟରେ କ୍ରୀଡାଙ୍ଗନର ଉନ୍ନତିକରଣ କରାଯାଇଥିଲେ ହେଁ ଆବଶ୍ୟକୀୟ ରକ୍ଷଣାବେକ୍ଷଣର ଅଭାବ ସାଙ୍ଗକୁ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ସମୟାନୁକ୍ରମେ ମଧୁବନ କ୍ରୀଡାଙ୍ଗନଟି ମିନି ଷ୍ଟାଡିୟମର ମାନ୍ୟତା ହରାଇବାକୁ ବସିଛି । କ୍ରୀଡାଙ୍ଗନର ଭିତର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇଥିବାରୁ ଏହା ବିଷଧର ସରୀସୃପମାନଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ପାଲଟିଛି । କ୍ରୀଡାଙ୍ଗନର ଚତୁଃପାର୍ଶ୍ୱରେ ବାହ୍ୟ ପ୍ରାଚୀର ନିର୍ମାଣ କରାଯାଇ ୩ଟି ସ୍ଥାନରେ ଲୁହା ଗ୍ରୀଲ ଲଗାଯାଇଥିଲା । ମାତ୍ର ଦୁର୍ବୃତମାନେ ପ୍ରାଚୀରର ମଧ୍ୟ ଭାଗରେ ଲାଗିଥିବା ଲୁହା ଗ୍ରୀଲ ଗୁଡିକୁ ଚୋରୀ କରି ନେଇଛନ୍ତି । ଫଳରେ କିବା ଦିନ ଓ ରାତିରେ ଗାଈ ଗୋରୁ ଓ ଷଣ୍ଡ ଅବାଧରେ ପ୍ରବେଶ କରି ଚରାବୁଲା କରୁଥିବାରୁ ପରିବେଶ ନଷ୍ଟ ହେଉଛି । ସେହିପରି ରାତ୍ର କାଳରେ ମଦ୍ୟପ ଓ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି କ୍ରୀଡାଙ୍ଗନ ପରିସର । କ୍ରୀଡାଙ୍ଗନରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି । ମାତ୍ର ରାତ୍ର କାଳରେ କେତେକ ବିଦ୍ୟୁତ ଖୁଂଟରେ ଲାଗିଥିବା ଏଲଇଡି ବଲବ୍ ଗୁଡିକ ଜଳୁନଥିବା ନଜରକୁ ଆସୁଛି । କ୍ରୀଡାଙ୍ଗନ ପରିସରରେ ଜନସାଧାରଣଙ୍କ ବସିବା ନିମନ୍ତେ ନିର୍ମାଣ କରାଯାଇଥିବା ଗ୍ୟାଲରିଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ରୁଜି ଗଲାଣି । ସେହିପରି ଶାରୀରିକ ବ୍ୟାୟମ ନିମନ୍ତେ କ୍ରୀଡାଙ୍ଗନ ପରିସରର ଗୋଟିଏ ପାର୍ଶ୍ୱରେ ସ୍ଥାପନ କରାଯାଇଥିବା ବ୍ୟାୟମ ଉପକରଣ ଗୁଡିକ ଅନାବନା ଗଛଲତା ମଧ୍ୟରେ ଲୁଚି ଗଲାଣି । ବର୍ଷ ବର୍ଷ ଧରି କ୍ରୀଡାଙ୍ଗନ ପରିସରକୁ ସ୍ଥାନୀୟ ଅଂଚଳର କେତେକ ଠିକାଦାର ନିଜ ଅକ୍ତିଆରରେ ରଖିଥିବା ଜଣାପଡିଛି । ପ୍ରକାଶଥାଉକି ମଧୁବନ ମିନି ଷ୍ଟାଡିୟମର ରକ୍ଷଣାବେକ୍ଷଣ ଦାୟିତ୍ୱ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିଲେ ହେଁ ଏଥିପ୍ରତି କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ମିନିଷ୍ଟାଡିୟମର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ଏନଏସି କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କ ସହ ଏନେଇ ଯୋଗାଯୋଗ କରାଯାଇଥିଲେ ହେଁ ସେ ବାରମ୍ବାର ମୋବାଇଲ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରୀୟା ମିଳି ପାରିନାହିଁ ।

## କେନ୍ଦ୍ରାପଡା ଜିଲ୍ଲାରେ ଆଜି ୮ କରୋନା ପଜିଟିଭ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାରେ ମଙ୍ଗଳବାର ୮ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ କେନ୍ଦ୍ରାପଡା ବ୍ଲକରେ ୪ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ମହାକାଳପଡା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

## ଜନଶକ୍ତି ପାର୍ଟି ମହିଳା ଶାଖାର ଜିଲ୍ଲା କାର୍ଯ୍ୟାକାରିଣୀ ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଜନଶକ୍ତି ପାର୍ଟିର କେନ୍ଦ୍ରାପଡା ଜିଲ୍ଲା ମହିଳା ଶାଖାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପବ୍ଲିକ ରିଡିଂରୁମ ନିକଟରେ ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ଜିଲ୍ଲା ମହିଳା ସଭାନେତ୍ରୀ ନମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ଆଇନଜୀବୀ ପ୍ରଦିପ କୁମାର ଦାଶ ଯୋଗଦେଇ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିଶେଷକରି ମମତା ମେହେରଙ୍କ ନିଖୋଜ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ଦାବି କରିଥିଲା । ଏଥିସହିତ ମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କୁ ବହିଷ୍କାର କରାଯିବା ଏବଂ ମହିଳାମାନଙ୍କ ପାଇଁ ଶିକ୍ଷା, ଚାକିରୀ ଓ ନିର୍ବାଚନରେ ୫୦ ପ୍ରତିଶତ ସଂରକ୍ଷଣ କରାଯିବାକୁ ଦାବି କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ସଭାନେତ୍ରୀ କବିତା ପ୍ରଧାନ, ମିନାରାଣୀ ନାୟକ, ସରୋଜିନୀ ନାୟକ, ସମିନା ବିବି, ରେବତୀ ପତ୍ରୀ, ସୁମିତ୍ରା ନାୟକ, ବରଞ୍ଜିତ ସାହୁ, ବଳରାମ ବେହେରା, ଅଲେଖ ନାୟକ, ସେକ ହାପିଜୁଦ୍ଦିନ, ଲାଲ ବେଗ, ମୁକ୍ତେଶ୍ୱର ସ୍ୱାଇଁ, ଉମେଶ ପାଢୀ, ଜୟଦେବ ସିଂ, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ରାମସନ୍ସ ନିଜର ନୂଆ ବ୍ରାଣ୍ଡ୍ ପ୍ରଚାର ଅଭିଯାନ ପାଇଁ ଲୋକପ୍ରିୟ ଅଭିନେତ୍ରୀ ଦୀପ୍ତିପ୍ରିୟା ରୟଙ୍କୁ ଚୁକ୍ତିବଦ୍ଧ କଲା : ବ୍ରାଣ୍ଡ୍ ପ୍ରଚାର ଅଭିଯାନ ପୂର୍ବାଞ୍ଚଳ ବଜାର ଉପରେ ଦୃଷ୍ଟିନିବଦ୍ଧ କରିବ






ଭୁବନେଶ୍ୱର : ବ୍ୟକ୍ତିଗତ ପ୍ରଯତ୍ନକାରୀ ବର୍ଗରେ ଏକ ଅଗ୍ରଣୀ ବ୍ରାଣ୍ଡ୍ ରାମସନ୍ସ ପରଫ୍ୟୁମ୍ସ ପ୍ରାଇଭେଟ ଲିମିଟେଡ ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ଦୀପ୍ତିପ୍ରିୟା ରୟଙ୍କୁ ନିଜ ବ୍ରାଣ୍ଡର ନୂତନ ଉପସ୍ଥାପିକା ଭାବରେ ଚୁକ୍ତିବଦ୍ଧ କରାଇଛି । ଏହି ସହଭାଗିତା ମୁଖ୍ୟତଃ ପୂର୍ବାଞ୍ଚଳ ବଜାର ନିମନ୍ତେ ଉଦ୍ଦିଷ୍ଟ ଏବଂ ଦୀପ୍ତିପ୍ରିୟା ରାମସନ୍ସର ନୂଆ ତ୍ୱଚା ଯତ୍ନକାରୀ ଉତ୍ପାଦଗୁଡିକର ଅନ୍‌ଲାଇନ ଏବଂ ଅଫଲାଇନ ମାଧ୍ୟମରେ ବ୍ୟବସାୟିକ ପ୍ରସାର କରାଇବେ । ଏହି ଆକର୍ଷଣୀୟ ତ୍ୱଚା ଯତ୍ନକାରୀ ଉତ୍ପାଦ ବର୍ଗମାଳାକୁ ନେଇ ଏକ ଚର୍ଚ୍ଚା ସୃଷ୍ଟି କରିବା ଏବଂ ବ୍ରାଣ୍ଡର ଉତ୍ପାଦ ବର୍ଗମାଳା ଯଥା ବଡି ଅଏଲ, ବଡି ଲୋସନ ଏବଂ ମଏଶ୍ଚରାଇଜର କ୍ରିମ୍ ଆଦିର ଉପସ୍ଥାପିକା ଭାବରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଅଭିନେତ୍ରୀ ଏହି ବ୍ରାଣ୍ଡ୍ ସହିତ ମିଶି ଘନିଷ୍ଠ ଭାବରେ କାର୍ଯ୍ୟ କରିବେ । ଏହି ବ୍ରାଣ୍ଡ୍ ପ୍ରୟାସ ସମ୍ପର୍କରେ ପ୍ରକାଶ କରି ରାମସନ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରିଜେଶ ପାଣ୍ଡେ କହିଛନ୍ତି, "ଦୀପ୍ତିପ୍ରିୟା ରାଣୀ ରଶୋମଣିରେ ତାଙ୍କର ଭୂମିକା ପାଇଁ ଆମ ସମସ୍ତଙ୍କର ହୃଦୟକୁ ଚୋରି କରିନେଇଛନ୍ତି ଏବଂ ସେହି ସ୍ନେହ ଓ ପ୍ରେମର କିଛି ଅଂଶ ଆମ ବ୍ରାଣ୍ଡ୍ ସହିତ ସଂଯୁକ୍ତ କରିବା ଆଶା ଆମେ ରଖିଛୁ । ସେ ଅତ୍ୟନ୍ତ ପ୍ରଗତିଶୀଳ, ଯୁବ ଏବଂ ଷ୍ଟାଇଲିଶ ଏବଂ ସର୍ବୋତ୍ତମ ହେବାର ଇଚ୍ଛାଶକ୍ତି ତାଙ୍କ ନିକଟରେ ରହିଛି, ଯାହା ବ୍ରାଣ୍ଡ୍ ରାମସନ୍ସର ବୈଶିଷ୍ଟ୍ୟକୁ ପ୍ରତିଫଳିତ କରୁଛି । ଉଭୟ ପକ୍ଷ ମଧ୍ୟରେ ବୁଝାମଣା ଉଲ୍ଲେଖନୀୟ ହୋଇଛି ଏବଂ ଏହା ବିଶ୍ୱାସରେ ଭରପୂର । ତାଙ୍କ ଉପରେ ନିର୍ଭରଯୋଗ୍ୟତା ଏବଂ ତାଙ୍କ ମଧ୍ୟରେ ଥିବା ଦୃଢ ଇଚ୍ଛାଶକ୍ତି ଏକ ପ୍ରଭାବୀ ଯାଦୁକାରୀ ଶକ୍ତି ସୃଷ୍ଟି କରିଛି ଏବଂ ଆମେ ସମୁଦାୟ ପୂର୍ବାଞ୍ଚଳ ବଜାରରେ ଆମର ପ୍ରଚାର ଅଭିଯାନ ଜରିଆରେ ସେହି ଅନୁରୂପ ଯାଦୁ ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛୁ । ଦୀପ୍ତିପ୍ରିୟାଙ୍କୁ ସାଙ୍ଗରେ ନେଇ ଆମେ ଆମର ନୂଆ ଉତ୍ପାଦର ବଜାର ପ୍ରବେଶ ସହିତ ଆମ ପହଞ୍ଚ ପରିବ୍ୟାପ୍ତ କରିବା ପ୍ରୟାସ ଜାରି ରଖିବାକୁ ପ୍ରୟାସ କରୁଛୁ ।" ଏହି ଅବସରରେ ଦୀପ୍ତିପ୍ରିୟା ରୟ କହିଥିଲେ, "ରାମସନ୍ସ ଗ୍ରୁପ୍ ଭଳି ବଜାରରେ ଅଗ୍ରଣୀ ସ୍ଥାନରେ ଥିବା ଏକ କମ୍ପାନୀ ସହିତ ସହଭାଗିତା କରି ସେ ଆନନ୍ଦ ଅନୁଭବ କରୁଛନ୍ତି । ମୂଲ୍ୟ ପାଇଁ ଉତ୍ପାଦ ଏବଂ ଗୁଣବତ୍ତା ତଥା ନବସୃଜନ ପାଇଁ ଏହି ବ୍ରାଣ୍ଡ୍ ସର୍ବଦା ପରିଚିତ ରହିଆସିଛି । ମୁଁ ଆଶା କରୁଛି ମୋର ପ୍ରଶଂସକ ଏବଂ ଦର୍ଶକମାନେ ମୋ ଉପରେ ଯେଉଁଭଳି ଭଲପାଇବା ଓ ସମର୍ଥନ ଅଜାଡି ଦେଇଛନ୍ତି, ରାମସନ୍ସ ଗ୍ରୁପ୍ ପ୍ରତି ମଧ୍ୟ ତାହା ସେହିଭଳି ଦେଇଚାଲିବେ ।" ଦୀପ୍ତିପ୍ରିୟା ରୟ ବେଙ୍ଗଲି ଭାଷାର ଚଳଚ୍ଚିତ୍ର ଏବଂ ଧାରାବାହିକରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ସୁପରିଚିତ । ଜଣେ ଶିଶୁ କଳାକାର ଭାବରେ ସେ ଟେଲିଭିଜନରେ ଅଭିନୟ ଆରମ୍ଭ କରିଥିଲେ ଏବଂ କେତେକ ବହୁଳ ଆଦୃତ ଧାରାବାହିକରେ ଅଭିନୟ କରିଥିଲେ, କିନ୍ତୁ ବେଙ୍ଗଲି ଟେଲିଭିଜନ ଧାରାବାହିକ କରୁଣାମୟୀ ରାଣୀ ରଶୋମଣିରେ ରାଣୀ ରଶୋମଣି ଚରିତ୍ରରେ ଅଭିନୟ ତାଙ୍କୁ ବିଶେଷ ଲୋକପ୍ରିୟତା ଆଣିଦେଇଥିଲା । ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି । ଲୋକପ୍ରିୟ କିଶୋରୀ ଅଭିନେତ୍ରୀ ଦୀପ୍ତିପ୍ରିୟା ଅତି ସହଜରେ ବୟସ୍କ ଚରିତ୍ରରେ ଅଭିନୟ କରିବାର ଦକ୍ଷତା ମଧ୍ୟ ରଖିଛନ୍ତି ଏବଂ ଖୁବଶୀଘ୍ର ସେ ବଲିଉଡରେ ପ୍ରବେଶ କରିବାକୁ ଯାଉଛନ୍ତି । ରାମସନ୍ସ ପରଫ୍ୟୁମ୍ସ ପ୍ରାଇଭେଟ ଲିମିଟେଡ ବ୍ୟକ୍ତିଗତ ପ୍ରଯତ୍ନକାରୀ ଉତ୍ପାଦ ବର୍ଗରେ ଭାରତର ଅନ୍ୟତମ ଅଗ୍ରଣୀ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଉତ୍ପାଦନକାରୀ ହୋଇଛି ଏବଂ ଏହାର ଦୃଢ ଉପସ୍ଥିତି ଥିବା ପରିବ୍ୟାପ୍ତ ଉତ୍ପାଦ ବର୍ଗ ରହିଛି, ଯେଉଁଥିରେ ପରଫ୍ୟୁମ, ଡିଓଡରାଣ୍ଟ, ବଡି ଲୋସନ, ବଡି ଅଏଲ, ମଏଶ୍ଚରାଇଜର କ୍ରିମ, ଟାଲ୍‌କ, ଏୟାର ଫ୍ରେଶନର ଏବଂ ଆହୁରି ଅନେକ ଉତ୍ପାଦ ରହିଛି । ରାମସନ୍ସ ନୂତନ ଉଦ୍ଦୀପନାର ସହିତ ଏବଂ ଆଧୁନିକ ଗ୍ରାହକଙ୍କର ଆବଶ୍ୟକତା ସମ୍ପୂର୍ଣ୍ଣ ଭାବରେ ପୂରଣ କରୁଥିବା ଶୀର୍ଷ ଗୁଣମାନର ଉତ୍ପାଦର ବିକାଶ ଉପରେ ନିରନ୍ତର ଦୃଷ୍ଟିନିବଦ୍ଧ ଜରିଆରେ ତାହାର ବ୍ରାଣ୍ଡ୍ ଯାତ୍ରାକୁ ପରବର୍ତ୍ତୀ ଦଶନ୍ଧିକୁ ନେବା ପ୍ରୟାସ କରୁଥିବା ସମୟରେ ଏହି ଚର୍ଚ୍ଚିତ ସହଭାଗିତା କମ୍ପାନୀର ନୂଆ ବ୍ରାଣ୍ଡ୍ ରୂପାନ୍ତରଣ କୌଶଳର ଅଂଶବିଶେଷ ହୋଇଛି ।

# କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି । ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ । ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ । ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ । ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ । ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପଞ୍ଚାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରୀ ଉଲାକା ମଧ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ରଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ତୁଳସୀ ମହିଳା କଲେଜରେ ସୂଚନା ଅଧିକାର ଆଇନ ସମ୍ପର୍କିତ ସଚେତନତା ଶିବିର



କେନ୍ଦ୍ରାପଡ଼ା,(ପି.ଏନ): ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଆଇ.କ୍ୟୁ.ଏ.ସି.ର ମିଳିତ ଆନୁକୂଲ୍ୟରେ ସୂଚନା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ଅଧକ୍ଷ ରଞ୍ଜିତରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଆଇନଜୀବୀ ଚିତ୍ତରଞ୍ଜନ ବେହେରା ଅତିଥି ଭାବରେ ଯୋଗଦେଇ ଏହି ଆଇନର ଉପଯୋଗିତା ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ରିସୋର୍ସପର୍ସନ ଭାବେ ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ଯୋଗଦେଇ କଲେଜର ଅଧାପକ,ଅଧାପିକା ଓ ଛାତ୍ରୀମାନଙ୍କୁ ଏହି ଆଇନ ବଳରେ ସୂଚନା ପାଇବା ପାଇଁ କିଭଳି ଆବେଦନ କରିବେ ଓ ସୂଚନା ପ୍ରାପ୍ତ ହେବେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଭିତ୍ତିକ ସୂଚନା ପ୍ରଦାନ କରି ସଚେତନ କରାଇଥିଲେ । କଲେଜ ଜାତୀୟ ସେବା ଯୋଜନା ଅଧିକାରିଣୀ ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଚେତନତା ଶିବିରରେ କଲେଜର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ




ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତ୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜରମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।




# ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉପରେ ମିଶନଶକ୍ତି ଗୃହ ନିର୍ମାଣକୁ ପଞ୍ଚାୟତ ମହିଳା ମହାସଙ୍ଘର ବିରୋଧ

କେନ୍ଦ୍ରାପଡ଼ା (ପିଏନ୍): ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହ ଉପରେ ମିଶନଶକ୍ତି ଗୃହ ନିର୍ମାଣକୁ ପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘର କର୍ମକର୍ତ୍ତାଙ୍କ ସମେତ ସଭ୍ୟାମାନେ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ମଧୁଶାସନ ଗ୍ରାମପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି ଯେ ସେହି ପଞ୍ଚାୟତର ମକନ୍ଦର ଗ୍ରାମରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ଉପରେ ପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘ ପାଇଁ ଏକ ମିଶନଶକ୍ତି ଗୃହ ନିର୍ମାଣ କରାଯିବାକୁ ଯୋଜନା କରାଯାଉଛି। ଏ ସମ୍ପର୍କରେ ପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘର କର୍ମକର୍ତ୍ତାମାନଙ୍କୁ ଅବଗତ କରାନଯାଇ ସେମାନଙ୍କ ଅଗଚୋରରେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି। କିନ୍ତୁ ସେହି ଗୃହର ମୂଳଦୁଆ ମଜଭୁତ ନଥିବାରୁ ସେହି ଗୃହ ଉପରେ ମିଶନଶକ୍ତି ଗୃହ ନିର୍ମାଣ କରାଗଲେ ସେହି ଗୃହର ସ୍ଥାୟୀତ୍ୱ ଉପରେ ଭବିଷ୍ୟତରେ ବିପଦ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏତଦ୍‌ବ୍ୟତିତ ସେହି ଗୃହ ନିର୍ମାଣରେ ଖର୍ଚ୍ଚ ହେବାକୁ ଥିବା ସରକାରୀ ଅର୍ଥ ଅପବ୍ୟୟ ହେବାର ଆଶଙ୍କା ମଧ୍ୟ ରହିଛି। ସେହି ସ୍ଥାନରେ ଗୃହ ନିର୍ମାଣ କରାଗଲେ ସେହି ମିଶନଶକ୍ତି ଗୃହକୁ ବୈଠକରେ ଯୋଗଦେବାକୁ ଯିବା ସମୟରେ ମହିଳାମାନଙ୍କ ପାଇଁ ବିପଦର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ତେଣୁ ଏକ ବୈଷୟିକ ଅଭିଜ୍ଞତା ସମ୍ପନ୍ନ ଟିମ ଦ୍ୱାରା ସେହି ଗୃହର ମୂଳଦୁଆ ସମ୍ପର୍କରେ ଯାଞ୍ଚ କରାଯିବା ସହିତ ପଞ୍ଚାୟତର ଏକ ମଧ୍ୟସ୍ଥଳରେ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କ ପାଇଁ ଯାତାୟତ ଓ ବୈଠକ ପାଇଁ ସୁବିଧା ହେଉଥିବା ସ୍ଥାନ ନିରୂପଣ କରାଯାଇ ସେଠାରେ ମିଶନଶକ୍ତି ଗୃହ ନିର୍ମାଣ କରାଯିବାକୁ ପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘର କର୍ମକର୍ତ୍ତା ଓ ସଭ୍ୟାମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏସମ୍ପର୍କରେ ମଧୁଶାସନ ଗ୍ରାମପଞ୍ଚାୟତ ସ୍ତରୀୟ ମହିଳା ମହାସଙ୍ଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ ଉପରୋକ୍ତ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିବା ମହାସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ମଧୁଶାସନ ପଞ୍ଚାୟତ ସ୍ତରୀୟ ମହାସଙ୍ଘର ସଭାନେତ୍ରୀ ରଞ୍ଜିତା ଦାସ, ସମ୍ପାଦିକା ସୁନିତା ଦାସ, ସଭ୍ୟା ଜୟନ୍ତୀ ମହାରଣା, ରୋଜାଲିନ ତ୍ରିପାଠୀ, ମୁସଲେମୁନ ବିବି, ବିଜୟାଲକ୍ଷ୍ମୀ ସେଠୀ, ମଞ୍ଜୁଲତା ବାରିକ, ସନ୍ଧ୍ୟାରାଣୀ ସୁତାର, ସାବେରା ଖାତୁନ, ସଫିକା ଅହେମ୍ମଦ, ଆସମା ଖାତୁନ, ଯାସ୍ମିନ ଆରା, ହୁସନାରା ବେଗମ, ନର୍ମଦା ନାୟକ, ସସ୍ମିତା ନାୟକ, ମୀନାରାଣି ମଲିକ, ମୌସୁମୀ ମଲିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ସାରଙ୍ଗ ଷ୍ଟାଡିୟମ ହତ୍ୟା ଘଟଣାର ୧୧ ବର୍ଷ ପରେ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ସାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଗତ ୨୦୧୦ମସିହାରେ ହୋଇଥିବା କୃଷ୍ଣ ପ୍ରଧାନ ହତ୍ୟାକାଣ୍ଡ ଘଟଣାର ୧୧ବର୍ଷ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାଇ ସାରଙ୍ଗର ବିଜୁ ପଟ୍ଟନାୟକ ଷ୍ଟାଡିୟମର ଜଗାରଖା ଦାୟୀତ୍ୱରେ ଥିଲେ ସାରଙ୍ଗ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ । କୃଷ୍ଣଙ୍କୁ ଗତ ୨୦୧୦ମସିହା ଅପ୍ରେଲ ମାସ ୧୬ତାରିଖ ରାତିରେ ସେହି ଷ୍ଟାଡିୟମ ପରିସରରେ ରହୁଥିବା ୫ଜଣ ବଙ୍ଗାଳି ଶ୍ରମିକ ହତ୍ୟା କରିଦେଇଥିବା ନେଇ କୃଷ୍ଣଙ୍କ ପତ୍ନୀ ଅପର୍ଣ୍ଣା ପ୍ରଧାନ କେନ୍ଦ୍ରାପଡା ଟାଉନ ଥାନାରେ ଗତ ୧୭.୦୪.୨୦୧୦ମସିହାରେ ଏତଲା ଦେଇଥିଲେ। ସେହି ଅଭିଯୋଗକୁ ଆଧାର କରି ଟାଉନ ଥାନା ପୋଲିସ ୫୧/୨୦୧୦ରେ ଭାରତୀୟ ପିଙ୍ଗଳ କୋର୍ଡର ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କେନ୍ଦ୍ରାପଡା ଟାଉନ ଥାନାର ଅତିରିକ୍ତ ଆଇ.ଆଇ.ସି. ତଥା ତଦନ୍ତକାରୀ ଅଧିକାରୀ ସୁମନ୍ତ କିଷାନ ସେହି ହତ୍ୟା ଘଟଣାର ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟର ମୁର୍ଶିଦାବାଦ ଜିଲ୍ଲାର ଭଗବାନଗୁଲା ଥାନା ଅନ୍ତର୍ଗତ ଚାଷ୍ଟା ଗ୍ରାମର ଗୁରୁପଦ ଦାସଙ୍କ ପୁଅ ପ୍ରବୋଧ ଦାସ(୪୮)କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ପ୍ରବୋଧ ସାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ମୃତ କୃଷ୍ଣ ପ୍ରଧାନଙ୍କ ସହ କୌଣସି କାରଣକୁ ନେଇ ଝଗଡା ହେବାରୁ ପ୍ରବୋଧ କ୍ରୋଧାନ୍ୱିତ ହୋଇ କୃଷ୍ଣକୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

## ଗୋକର୍ଣ୍ଣିକା ପାର୍ବଣ ସଂଖ୍ୟା ଉନ୍ମୋଚିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳରୁ ପ୍ରକାଶ ପାଉଥିବା 'ଗୋକର୍ଣ୍ଣିକା' ସାହିତ୍ୟ ପତ୍ରିକାର ପାର୍ବଣ ସଂଖ୍ୟା ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଉନ୍ମୋଚିତ ହୋଇଯାଇଛି । ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ ଓ ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋକର୍ଣ୍ଣିକା ପାର୍ବଣ ସଂଖ୍ୟାକୁ ଲୋକାର୍ପଣ କରିଥିଲେ। ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଉପସଭାପତି ବଟକୃଷ୍ଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରେଣୁବାଳା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ । ଯୁବନେତା ଅକ୍ଷୟ କୁମାର ନାୟକ, ନିର୍ମଳ ପ୍ରଧାନ, ଗିରିଧାରୀ ବେହେରା ଓ ପ୍ରତାପ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଶ୍ୱବନ୍ଦନା ଜେନା ଧନ୍ୟବାଦ ଦେଇଥିଲେ ।

# ପୂର୍ବତନ ମନ୍ତ୍ରୀ କେନ୍ଦ୍ରାପଡାର ବରପୁତ୍ର ସ୍ୱର୍ଗତଃ ଦୀନବନ୍ଧୁ ସାହୁଙ୍କ ୧୧୧ତମ ଜୟନ୍ତୀ ପାଳିତ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୧୧୧ତମ ଜୟନ୍ତୀ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଆବକ୍ଷ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ସ୍ୱର୍ଗତଃ ସାହୁ କେନ୍ଦ୍ରାପଡା ଜିଲ୍ଲାର ଜଣେ ବିକାଶପୁରୁଷ ଥିଲେ ଏବଂ କେନ୍ଦ୍ରାପଡାର ସାମୁହିକ ବିକାଶରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଅଜୟ କୁମାର ସାମଲ, ଜିଲ୍ଲା ଓକିଲ ସଙ୍ଘର ପ୍ରାକ୍ତନ ସଭାପତି ସରୋଜରାଜ ସିଂ, ସିପିଆଇ ଜିଲ୍ଲା ସମ୍ପାଦକ ଗୟାଧର ଧଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତି ଉପରେ ଆବରଣ ଛାତ ପକାଯିବା ସହିତ ସଂପୃକ୍ତ ଅଞ୍ଚଳକୁ ଆହୁରି ପ୍ରଶସ୍ତ କରିବା ପାଇଁ ଆବଶ୍ୟକ ଅନୁଦାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଆଇନଜୀବୀ ନିତ୍ୟାନନ୍ଦ ସ୍ୱାଇଁ, କୁଞ୍ଜବିହାରୀ ପରିଡା, ଶାନ୍ତିସ୍ୱରୂପ ଭୂୟାଁ, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ଜିଲ୍ଲା ବିଜେଡି ସମ୍ପାଦକ ବିଜୟ ପତି, ଗୋପାଳକୃଷ୍ଣ ଜେନା, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ହିରଣ୍ୟ ପଣ୍ଡା, ଦେବେନ୍ଦ୍ର ଦାସ, ରଞ୍ଜନ ଦାସ, ବନମାଳି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ସାହିତ୍ୟ ସମାଜର ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଚଳିତ ବର୍ଷର ଧର୍ମଶାଳା ସାହିତ୍ୟ ସମାଜ ପୁରସ୍କାର ଘୋଷଣା କରାଯାଇଛି । ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକଙ୍କୁ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ବୀରକିଶୋର ପାଢୀ ଶିଶୁ ସାହିତ୍ୟ ସମ୍ମାନ, ଚିତ୍ର ଓ ହସ୍ତକଳା ଶିଳ୍ପୀ ମୋହନ ଚରଣ ସାହୁଙ୍କୁ ଭିକାରୀ ଚରଣ ସାହୁ ସ୍ମାରକୀ ପୁରସ୍କାର ଓ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ କୃଷକ ବାବାଜୀ ଚରଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ଧର୍ମଶାଳା ସାହିତ୍ୟ ସମାଜର ସଭାପତି ଡ. ଜଗନ୍ନାଥ ଜେନା ସୂଚନା ଦେଇଛନ୍ତି । ଧର୍ମଶାଳା ମହାବିଦ୍ୟାଳୟରେ ଗତ ୧୫ତାରିଖ ବିଜୟାଦଶମୀ ତିଥିରେ ହୋଇଥିବା ସାହିତ୍ୟ ସମାଜର ୩୨ତମ ବାର୍ଷିକ ଉତ୍ସବରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଉଦ୍‌ଘାଟକ, ପ୍ରାବନ୍ଧିକ ନଟବର ଶତପଥୀ ମୁଖ୍ୟଅତିଥି ଓ କବି ଡ. ବେଣୁଧର ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକ ଲୋକାର୍ପଣ, ପୁରସ୍କାର ଓ ସମ୍ମାନ ପ୍ରଦାନ କରିଛନ୍ତି ବୋଲି ଅନୁଷ୍ଠାନର ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡାରେ କ୍ୟାଣ୍ଡେଲ ଶୋଭାଯାତ୍ରା




କେନ୍ଦ୍ରାପଡ଼ା (ପିଏନ୍): ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖିରୀ ଠାରେ ଶାନ୍ତିପୂର୍ଣ୍ଣ କୃଷକ ଆନ୍ଦୋଳନ ଉପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ର ଗାଡି ଚଢାଇ ୫ଜଣ କୃଷକଙ୍କୁ ହତ୍ୟା କରିବା ଏବଂ ପରେ ଦଳାଚକଟାରେ ଜଣେ ସାମ୍ବାଦିକଙ୍କ ମୃତ୍ୟୁର ପ୍ରତିବାଦରେ ସାରା ଦେଶ ବ୍ୟାପି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସହରର ସ୍ଥାନୀୟ ସାନ୍ତସାହି ପୋଲ ନିକଟରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସନ୍ଧ୍ୟାରେ ବାହାରି ସହର ମଧ୍ୟ ଦେଇ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଏହାପରେ ସେଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ସିପିଆଇର ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ସିପିଆଇ (ଏମ)ର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ଏସୟୁସିଆଇ ଜିଲ୍ଲା ସମ୍ପାଦିକା ଏଲୀନା ସାମନ୍ତରାୟ, ସିପିଆଇ(ଏମଏଲ) ନେତା ପ୍ରକାଶ ଚନ୍ଦ୍ର ମଲ୍ଲିକ, ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ, ଏଆଇଟିୟୁସି ସଭାପତି ବାବାଜୀ ଧଳ, ଓଡିଶା କୃଷକ ସଭାର ଜିଲ୍ଲା ନେତା ମାଧବ ଦାସ, କିଷାନ କଂଗ୍ରେସର ଜିଲ୍ଲା ସଭାପତି ନାରାୟଣ ପରିଡା, କମଳାକାନ୍ତ ବେହେରା, ଏଆଇକେଏସ ଜିଲ୍ଲା ଆବାହକ ପଦ୍ମନାଭ ଦାସ, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ସୌମେନ୍ଦ୍ର ପୃଷ୍ଟି, ଫକିର ଚରଣ ଖଟୁଆ, ସମ୍ବିତ ଶ୍ରୀଚନ୍ଦନ, ରତିକାନ୍ତ ସାମଲ, ଆଶିଷ ମେକାପ, ମୀର ମୁର୍ଶିଦ୍ଦ, ଯଶ୍ମିନ ପରୱିନ, ପିତାମ୍ବର ଜେନା, ଗୋପାଳକୃଷ୍ଣ ଜେନା, ବିବେକବିକାଶ ମହାନ୍ତି, ବିକାଶ ଚନ୍ଦ୍ର ବେଉରା, ଏସୟୁସିଆଇର ହୀରାମଣୀ ରାଉତ ପ୍ରମୁଖ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହିତ ଜରିଆ ଠାରେ ବିଜୟ ଦାସଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିବା ବେଳେ ବାରୋ ଠାରେ ଭାଗିରଥୀ ଜେନା, ମାର୍ଶାଘାଇରେ ବିକାଶ ଦାସ, ରାଜକନିକାରେ କାଳି ପ୍ରସାଦ ନାୟକ, ମହାକାଳପଡାରେ ନରୋତ୍ତମ ପାର୍ଥସାରଥୀଙ୍କ ନେତୃତ୍ୱରେ ଓ ଆଳି ଠାରେ ଧନେଶ୍ୱର ରାଉତଙ୍କ ନେତୃତ୍ୱରେ ଚାଷୀମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ସହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବସ୍ କର୍ମଚାରୀଙ୍କୁ ପୁଲିସ୍‌ର ମାଡ !

ଧର୍ମଶାଳା (ପିଏନ୍): ୧୬ନମ୍ବର ଜାତୀୟ ରାଜପଥର ଜାରକା ଛକରେ ଜଣେ ବସ୍ କଣ୍ଡକ୍ଟରଙ୍କୁ ଧର୍ମଶାଳା ଥାନା ପୁଲିସ୍ ଆକ୍ରମଣ କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି । ଭିଡ ହେଉଥିବା ଆଳରେ କଣ୍ଡକ୍ଟରକୁ ବସ୍‌ରୁ ଘୋଷାରି ଆଣି ସର୍ବସମ୍ମୁଖରେ ମାଡ ମାରିବା ଘଟଣା ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବୋଲି ଅଭିଯୋଗ ଉଠିଛି । ଏହାକୁ ନେଇ ବସ୍ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭିନ୍ନ କାରଣକୁ ନେଇ ବସ୍ କର୍ମଚାରୀଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଥିବାରୁ ଜାରକାରେ ଦୂରଗାମୀ ବସ ରହଣି କରିବାକୁ ସୁରକ୍ଷିତ ମନେକରୁନାହିଁ । ଫଳରେ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରେ ବସ ଯୋଗେ ଦୂରଯାତ୍ରା କରିବାରେ ବାଧା ସୃଷ୍ଟି ହେଉଛି । ଅଭିଯୋଗରୁ ପ୍ରକାଶ ଯେ, ଯାଜପୁରରୁ ବରଗଡ ଯାଉଥିବା ମିନୁ ବସ୍ ସଂଧ୍ୟା ପ୍ରାୟ ୭ଟାରେ ଜାରକା ବସ୍‌ଷ୍ଟପ୍‌ରେ ରହି ଯାତ୍ରୀ ନେଉଥିଲା । ଏହି ସମୟରେ ଏକ ଆମ୍ବୁଲାନ୍‌ସ ଯାଉଥିଲା । ଏହା ଦେଖି ସେଠାରେ ଥିବା ପୁଲିସ୍ ବସ୍ କର୍ମଚାରୀଙ୍କୁ ଭିଡ କରୁଥିବା କହି ଗାଳିଗୁଲଜ କରିଥିଲା । ହେଲେ ସେମାନଙ୍କୁ ଜାରକା ବିଟ୍ ହାଉସ୍ ପୁଲିସ୍ ଏଠାରେ ରହିବାକୁ କହିଛନ୍ତି ଏବଂ ସେମାନେ ପାର୍କିଂ ଫିସ୍ ଦେଉଛନ୍ତି ବୋଲି କହିଥିଲେ ମଧ୍ୟ ପୁଲିସ୍ କିଛି ନଶୁଣି କଣ୍ଡକ୍ଟରକୁ ମାରପିଟ୍ କରିଥିଲା । ତେବେ ବସ୍‌ରେ ଯାତ୍ରୀମାନେ ଥିବାରୁ ମାଡ ଖାଇ କଣ୍ଡକ୍ଟର ଚାଲି ଯାଇଥିଲେ । ସୂଚନାଯୋଗ୍ୟ, ଏବେ ଜାତୀୟ ରାଜପଥ ସଂପ୍ରସାରଣ ସହିତ ଜାରକା ବଜାରରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ହେଉଛି । ଏଥିପାଇଁ ମୁଖ୍ୟ ରାଜପଥ ବନ୍ଦ କରାଯାଇ ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳାଚଳ କରୁଛି । ଏଥିସହିତ ଆପ୍ରୋଚ୍ ରୋଡ୍ ପାର୍ଶ୍ୱରେ ଡ୍ରେନ୍ ମଧ୍ୟ ନିର୍ମାଣ କରାଯାଉଛି । ଫଳରେ ଏହି ଅଣଓସାରିଆ ଓ ଭଙ୍ଗାରୁଜା ରାସ୍ତାରେ ପ୍ରତିଦିନ ହଜାର ହଜାର ଗାଡିମୋଟର ଚଳାଚଳ କରୁଛନ୍ତି । ଏଥିପାଇଁ ଅଧିକାଂଶ ସମୟ ରାସ୍ତାରେ ଟ୍ରାଫିକ୍ ଭିଡ ରହୁଛି । ରାଜପଥ ଓ ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣ ବିଳମ୍ବ କରୁଥିବା ଠିକାସଂସ୍ଥା ବିରୋଧରେ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ବେଳେ ସାମାନ୍ୟ ବସ୍ କର୍ମଚାରୀଙ୍କ ଉପରେ ନିଜର ପାରିବାପଣିଆ ଦେଖାଇବା ପଛରେ କି ରହସ୍ୟ ରହିଛି ବୁଝାପଡୁନାହିଁ । ତେବେ ଏ ସଂପର୍କରେ ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି ଯେ, ଥାନାରେ ଏଥିନେଇ କୌଣସି ଅଭିଯୋଗ ହୋଇନାହିଁ । ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପାର୍ବଣରେ ଘନ ଘନ ଅଘୋଷିତ ବିଜୁଳି କାଟ

ଖୋର୍ଦ୍ଧା (ପିଏନ୍): ପାର୍ବଣ ସମୟରେ ଖୋର୍ଦ୍ଧାରେ ଅଘୋଷିତ ବିଜୁଳି ବିଚ୍ଛେଦ ସହରବାସୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଏହି ବିଜୁଳି ବିଚ୍ଛେଦର କାରଣ ଖୋଜି ପାଉନାହାଁନ୍ତି ବିଭାଗୀୟ କର୍ମଚାରୀ ଓ ଯନ୍ତ୍ରୀ। ପବିତ୍ର ଦଶହରା ଦିନ ଖୋର୍ଦ୍ଧାରେ ୪ ଘଂଟାଧରି ବିଜୁଳି ବିଚ୍ଛେଦ ଘଟିଥିଲା। ଏହାର କାରଣ ବିଭାଗୀୟ କର୍ମଚାରି ଓ ଯନ୍ତ୍ରୀଙ୍କୁ ପଚାରିବାରେ ଉତରରେ ସେମାନେ କହିଥିଲେ ବିଜୁଳି ବିଚ୍ଛେଦର କାରଣ ସେମାନେ ଖୋଜି ପାଉନାହାଁନ୍ତ। ଏଠାରେ ପ୍ରଶ୍ନ ଉଠେ ଏଭଳି ଅନଭିଜ୍ଞ କର୍ମଚାରୀମାନଙ୍କୁ କାହିଁକି ରଖାଯାଇଛି ? ଜନସାଧାରଣ ଏହାର ନିର୍ଦ୍ଦିଷ୍ଟ କାରଣ ପଚାରିବାରେ ସେମାନେ ଏହାର କାରଣ ଟାଟା କମ୍ପାନୀକୁ ପଚାରନ୍ତୁ ବୋଲି କହି ଫୋନ କାଟି ଦେଉଛନ୍ତି ଏବଂ ଦୀର୍ଘ ସମୟ ଧରି ଫୋନକୁ ଡାଇଭଟ କରି ରଖି ଦେଉଛନ୍ତି। ଅଘୋଷିତ ବିଜୁଳି କାଟ ଯୋଗୁ ଜନସାଧାରଣ ତ୍ରାହି ତ୍ରାହି ଡାକିବା ହିଁ ସାର ହେଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ଯଥା ଏସଡିଓଙ୍କୁ ଫୋନ କଲେ ସେ ଉତର ନଦେଇ ଫୋନକୁ ସୁଇଜ ଅଫ କରି ଦେଉଚନ୍ତି। ଯେଉଁଦିନଠାରୁ ଟାଟା କମ୍ପାନୀ ହାତକୁ ବିଦ୍ୟୁତ ବିଭାଗ ଯାଇଛି ଏହି ବିଭାଗକୁ ରାହୁ କେତୁ ଗ୍ରାସ କରିବାପରି ମନେହେଉଛି। ଶେଷରେ ଜନସାଧାରଣ ଏକତ୍ରିତ ହୋଇ ବିଦ୍ୟୁତ କାର୍ଯ୍ୟାଳୟକୁ ଘେରାଉ କରି ଏହାର ସ୍ଥାୟୀ ସମାଧାନ ପାଇଁ ଯୋଜନା କରୁଥିବାର ସୁରାଗ ମିଳୁଛି। ତେଣୁ ଜିଲ୍ଲା ପ୍ରଶାସନ ଏହାଉପରେ ବିହିତ ପଦକ୍ଷେପ ନେବାସହ ଭବିଷ୍ୟତର ଏହି ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବା ଦରକାର।

## ସଦର ବ୍ଲକ ସାଂସଦ ପ୍ରତିନିଧି ହେଲେ ସୁଶାନ୍ତ

ବାଲେଶ୍ୱର (ପିଏନ୍):-ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଦର ବ୍ଲକ ପାଇଁ ବାହାବଳପୁର ନିବାସୀ ସୁଶାନ୍ତ କୁମାର ବେରାଙ୍କୁ ନିଜର ପ୍ରତିନିଧି ଭାବେ ମନୋନିତ କରିଛନ୍ତି। ଏଥିନେଇ ସଦର ବିଡ଼ିଓଙ୍କୁ ଚିଠି ମାଧ୍ୟମରେ ସାଂସଦ ଶ୍ରୀ ଷଡଙ୍ଗୀ ଜଣାଇଛନ୍ତି। ସାଂସଦଙ୍କ ଅନୁପସ୍ଥିତିରେ ସୁଶାନ୍ତ ସଦର ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଦାୟିତ୍ୱ ନିର୍ବାହ କରିବେ। ଏଥିସହ ତାଙ୍କୁ ଯେଉଁ ଗୁରୁ ଦାୟିତ୍ୱ ଦିଆଯାଇଛି, ତାହାକୁ ସଫଳତାର ସହିତ ନିର୍ବାହ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ କେନ୍ଦ୍ରାପଡାରେ ରେଳରୋକ



କେନ୍ଦ୍ରାପଡ଼ା (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସାରା ଦେଶରେ ସୋମବାର ଦିନ ଦିବା ୧୦ଘଟିକାରୁ ୪ଟା ପର୍ଯ୍ୟନ୍ତ ରେଳରୋକ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ରେଳଷ୍ଟେସନ ନିକଟରେ ବିଭିନ୍ନ କୃଷକ ସଂଗଠନ, ବିଭିନ୍ନ ରାଜନୈତିକ ଦଳ ଓ ଅନ୍ୟାନ୍ୟ ଗଣ ସଂଗଠନ ପକ୍ଷରୁ ମାଲବାହୀ ରେଳକୁ ରୋକାଯାଇଥିଲା। ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ତଦନ୍ତରେ ନିରପେକ୍ଷତା ପାଇଁ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରିବା, ଏହି ଘଟଣାରେ ସଂପୃକ୍ତ ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ୩ଟି କଳା କୃଷି ଆଇନକୁ ବାତିଲ କରିବା, ସମସ୍ତ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ଆଇନଗତ ବ୍ୟବସ୍ଥା କରିବା, ପେଟ୍ରୋଲଜାତ ପଦାର୍ଥର ଆକାଶଛୁଆଁ ଦରବୃଦ୍ଧି ହେତୁ କେନ୍ଦ୍ରୀୟ ଟିକସ ପ୍ରତ୍ୟାହାର କରିବା ଓ ନରେନ୍ଦ୍ର ମୋଦୀ ସରକାର ରାଷ୍ଟ୍ରୀୟ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରୀରୁ ନିବୃତି ରହିବା ଦାବିରେ ଦେଶବ୍ୟାପି ରେଳରୋକ ଆନ୍ଦୋଳନକୁ ସମର୍ଥନ କରି କେନ୍ଦ୍ରାପଡାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନରେ ଜିଲ୍ଲା ଆବାହକ ଗୟାଧର ଧଳ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଅନ୍ୟତମ ଆବାହକ ଆଦିକନ୍ଦ ରାଉଳ, ସିଆଇଟିୟୁ ଆବାହକ ଜଗତଜୀବନ ଦାଶ, ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ, କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଏଆଇକେଏସ ଜିଲ୍ଲା ଆବାହକ ପଦ୍ମନାଭ ଦାସ, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ମାଧବ ଦାସ, ହିବଜୁର ରହେମାନ, ସମ୍ବିତ ଶ୍ରୀଚନ୍ଦନ, ଦଳିତ ନେତା ନଗେନ୍ଦ୍ର ଜେନା, ନିରଞ୍ଜନ ପରିଡା, ଭାଗିରଥୀ ଜେନା, ବିକାଶ ବେଉରା, ସୀତାକାନ୍ତ ନାୟକ, ସୁହାନା ବେଗମ, ଜ୍ୟୋତି ପ୍ରକାଶ ସେଠୀ, ସୁରେଶ ଚନ୍ଦ୍ର ଭୋଳ, ଜ୍ଞାନରଞ୍ଜନ ସାହୁ, ଦିବାକର ସାହୁ, ଦାମୋଦର ମଳିକ, ଅପର୍ତ୍ତୀ ସେଠୀ, କମଳାକାନ୍ତ ବେହେରା, ନଗର ଯୁବ କଂଗ୍ରେସ ସଭାପତି ଅମୀର ଅହମ୍ମଦ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ପବିତ୍ର ଦଶହରା ଅବସରରେ ବସ୍ତି ସୁରକ୍ଷା ସମିତିର ସେବା-ସମ୍ମାନ କାର୍ଯ୍ୟକ୍ରମ

ରାଉରକେଲା (ପିଏନ୍): ପବିତ୍ର ବିଜୟା ଦଶମୀ ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତିର ଏକ ନିଆରା ସେବା-ସମ୍ମାନ କାର୍ଯ୍ୟକ୍ରମ ଦେଓଗାଁ ଲେପ୍ରୋସି ବସ୍ତିରେ ଅନୁଷ୍ଠିତ ହୋଇଯାଇଛି । ବସ୍ତି ସୁରକ୍ଷା ସମିତିର ସଂଯୋଜକ ନରେନ୍ଦ୍ର ବର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ଅଧକ୍ଷ ଶ୍ରୀ ବିରେନ ସେନାପତି ଯୋଗଦାନ କରି ବସ୍ତିବାସୀଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜ୍ଞାପନ କରି ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଲେପ୍ରୋସି ବସ୍ତିର କିଛି ଲୋକ ଅଦ୍ୟାବଧି ଭତ୍ତା ନ ପାଇବା ଓ କିଛି ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନ ହେବା କଥା ବସ୍ତିବାସୀମାନେ ଏହି ଅବସରରେ ପ୍ରକାଶ କରିଥିଲେ । ତେବେ ବସ୍ତି ବାସିନ୍ଦାମାନଙ୍କର ବାସଗୃହ ସମସ୍ୟା ଲାଗିରହିଥିବା ବେଳେ ସରକାର ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କା ବାସଗୃହ ଯୋଗାଇ ନ ଦେବା ବିଡମ୍ବନାର ବିଷୟ ବୋଲି ଶ୍ରୀ ସେନାପତି ଏହି ଅବସରରେ ପ୍ରକାଶ କରି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ନିକଟରେ ଏଥିପାଇଁ ଦୃଢ ଦାବି ସମିତି ତରଫରୁ କରାଯିବ ବୋଲି କହିଥିଲେ । ଏହି ଅବସରରେ ସମିତି ତରଫରୁ କଲୋନୀର ୩୦ ଜଣ ବୟସ୍କ ପୁରୁଷ ଓ ମହିଳାଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ଯୁବବନ୍ଦନା ଗାନ କରାଯାଇଥିବା ବେଳେ କଲୋନୀର ଆବାଳବୃଦ୍ଧବନିତା ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସମାଜସେବୀ ଶ୍ୟାମେନ୍ଦ୍ର ମାହାତୋ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ସୁଧୀର ନାଥ, ବିଜୟ ସାହୁ, ଶ୍ୟାମ ସାଗର, ପ୍ରତାପ ସାହୁ ଓ କିଶୋରବାବୁ ପ୍ରମୁଖ ସହଯୋଗ କରିଥିଲେ ବୋଲି ବସ୍ତି ସୁରକ୍ଷା ସମିତି ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି। ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା। ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି। ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅ□ଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି। ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ। ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି। ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି। ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି।



# ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସରକାରୀ ବାସଭବନକୁ ଘେରାଉ କଲେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ୟାସିର ନୱାଜ ଗିରଫ




ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତାମାନେ ଗୃହମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଉ କରିଥିଲେ। ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି ଯେ କଳାହାଣ୍ଡି ମହାଲିଙ୍ଗ ପ୍ଲବିକ୍ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ମାମଲାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସଂପୃକ୍ତ। ଏହି ସ୍କୁଲର ମାଲିକ ଗୋବିନ୍ଦ ସାହୁ ମନ୍ତ୍ରୀଙ୍କର ନିକଟତମ ଲୋକ। ଏହି ସ୍କୁଲରେ ଚାଲିଥିବା ଯୌନକେଳେଙ୍କାରୀରେ ମନ୍ତ୍ରୀ ଭାଗ ନିଅନ୍ତି। ମନ୍ତ୍ରୀ ଗୋବିନ୍ଦ ସାହୁଙ୍କୁ ଥାନାରୁ ଖସିଯିବା ପାଇଁ ସାହାଯ୍ୟ କରିଥିଲେ। ଗୃହମନ୍ତ୍ରୀ ସୁରକ୍ଷା ଦେବା କଥା। ବାଡ଼ ହୋଇ ଫସଲ ରକ୍ଷା କରିବା ବଦଳରେ ଫସଲ ଖାଇ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା'କୁ ସମ୍ମାନ ଆହ୍ୱାନ ଏକ ପ୍ରତାରଣା। ପ୍ରଦେଶ ଛାତ୍ର କଂଗ୍ରେସ ଗୃହମନ୍ତ୍ରୀଙ୍କ ବହିସ୍କାର ଏବଂ ଗିରଫ ଦାବି କରିବା ସହ ଘଟଣାର ସିବିଆଇ ତଦନ୍ତ / ବିଚାରବିଭାଗୀୟ ତଦନ୍ତ ଦାବି କରିଛି। ଛାତ୍ର କଂଗ୍ରେସ ନେତାଙ୍କୁ ଗିରଫ କରି ଛାତ୍ର କଂଗ୍ରେସର ସ୍ୱରକୁ ନବୀନ ସରକାର ଚପାଇ ପାରିବେ ନାହିଁ। ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନବୀନ ସରକାର ସୁରକ୍ଷା ନ ଦେଇ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ, ନିହାର ବେହେରା, ସାଗର ପଟ୍ଟନାୟକ, ବାବୁ ଜେନା, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ସମିଉଲ ହକ, ଚିତରନ ସାହୁ, ଏହମ୍ମଦ ଖାନ, ଆର୍ଯ୍ୟାନ ସାସମଲ ଓ ସାମସନ ଦାସ ଙ୍କୁ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବାସଭବନ ଠାରୁ ପୋଲିସ ଗିରଫ କରି ଜୟଦେବ ବିହାର ପୋଲିସ ବ୍ୟାରେକରେ ଅଟକ ରଖିଛି।

# ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୩ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପାଳିତ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ପ୍ରଥମ ବାରିଷ୍ଟର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତିତ୍ୱ, ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ସହପାଠୀ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୩ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ତାଙ୍କ ଭୁବନେଶ୍ୱର ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥି, ସୀତାବଲ୍ଲଭ ମହାପାତ୍ର, ନାରାୟଣ ଓଝା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ଜ୍ୟୋର୍ତିମୟୀ ପଟ୍ଟନାୟକ, କବିତା ସୁବୁଦ୍ଧି, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଡକ୍ଟର ଅସୀତ୍ ଦାସ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସୌରଭ ମହାନ୍ତି, ଶୁଭଙ୍କର ବେରା, ବିକ୍ରମ ଦାସ, ଉପେନ୍ଦ୍ର ବାରିକ, ସୋନାଲି ନାୟକଙ୍କ ସମେତ ଜୟ ଓଡ଼ିଶା ଟିମ୍ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଆତ୍ମୀୟ ଡଃ ସୂର୍ଯ୍ୟ କୁମାର ମିଶ୍ର, ଶିବାଶିଷ ମିଶ୍ର ମଧ ଏଥିରେ ସାମିଲ୍ ହୋଇଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ବାରିଷ୍ଟର ବିଶ୍ୱନାଥ ମିଶ୍ର, ବାରିଷ୍ଟରୀ ପାସ୍ କଲାପରେ ଓକିଲାତି ଅପେକ୍ଷା ରାଜ୍ୟରେ ସମାଜ ସଂସ୍କାର କାର୍ଯ୍ୟକ୍ରମ ଅୟମାରମ୍ଭ କରି ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ସଙ୍ଗେସଙ୍ଗେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ପହଂଚି ଜନ ଆନ୍ଦୋଳନ ସୃଷ୍ଟି କରିଥିଲେ । ତାଙ୍କର ରାଜ୍ୟପାଇଁ ଅବଦାନ ଅତୁଳନୀୟ । ସ୍ୱଳ୍ପ ବୟସରେ ତାଙ୍କର ଅକାଳ ବିୟୋଗ ଓଡ଼ିଶାର ବିକାଶଧାରାକୁ ପ୍ରଭାବିତ କରିଥିଲା । ବାରିଷ୍ଟର ମିଶ୍ରଙ୍କ ଆଦର୍ଶ ଯୁବ ସମାଜକୁ ସବୁବେଳେ ଦେଶ ଓ ଜାତିର ସେବା ପାଇଁ ଅନୁପ୍ରାଣିତ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସାମ୍ବାଦିକ ସ୍ୱପ୍ନା ପଟ୍ଟନାୟକ, ଦୀପକ ମହାନ୍ତି ଓ ରଜତ କୁମାର ମହାନ୍ତିଙ୍କୁ ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କ ନିଖୋଜ ପଛରେ ଗୃହ ରାଜ୍ୟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ହାତ: କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ମହିଳା ସବୁଠାରୁ ଅଧିକ ବିପଦରେ ଓ ଅସୁରକ୍ଷିତ ଏକଥା ମମିତା ମେହେର ଅପହରଣ ଓ ନିଖୋଜ ଘଟଣାରୁ ପୁର୍ନବାର ସତ୍ୟ ପ୍ରମାଣିତ ହୋଇଛି ବୋଲି କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି। ଆଜି ପ୍ରଦେଶ କଂଗ୍ରେସ କର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାଲୁଜା, ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ରଜନୀ ମହାନ୍ତିଙ୍କ ଉପସ୍ଥିତିରେ ଶିକ୍ଷୟତ୍ରୀ ମମିତା ମେହେର ଅପହରଣ ଓ ନିଖୋଜ ଘଟଣାରେ ଗୃହ ରାଜ୍ୟ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସଂପୃକ୍ତିର ଅଭିଯୋଗ ଆଣିବା ସହିତ ପିଡୀତା ଓ ତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।କିନ୍ତୁ ମହାଲିଙ୍ଗ ପୂର୍ବରୁ ଚାନ୍ଦତାରା ଛକରେ, ସେ ଶିକ୍ଷକ ଭାବେ କାର୍ଯ୍ୟକରୁଥିବା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସନସାଇନ ସ୍କୁଲର ମୁଖ୍ୟ ତଥା ମାଲିକ ଗୋବିନ୍ଦ ସାହୁ ତାଙ୍କୁ ବସ୍‌ରୁ ଓହ୍ଲାଇ ନିଜସହିତ ତାଙ୍କ ବ୍ୟକ୍ତିଗତ ଗାଡ଼ିରେ ନେଇଯାଇଥିଲେ ଯାହାର ସିସି ଟିଭି ଭିଡିଓ ଫୁଟେଜ ଅଛି।

# ଅକ୍ଟୋବର ୨୦ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବ ଆଜାଦ୍ ହିନ୍ଦ୍ ବାହିନୀ ର ଜାତୀୟ କର୍ମଶାଳା

ଭୁବନେଶ୍ୱର,(ପି.ଏନ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜନ୍ମଜୟନ୍ତୀ ବର୍ଷ ଏବଂ ଭାରତବର୍ଷର ପ୍ରଥମ ସ୍ୱାଧୀନ୍ ସରକାର "ଆଜାଦ୍ ହିନ୍ଦ୍ ସରକାର"ର ୭୮ ତମ ପ୍ରତିଷ୍ଠା ଦିବସ ଅବସରରେ ସାରା ଦେଶରେ ନେତାଜୀ ସୁଭାଷଙ୍କ ଆଦର୍ଶରେ "ଆଜାଦ୍ ହିନ୍ଦ୍ ବାହିନୀ"ର ପୁର୍ନଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାର ଏକ ଅଂଶ ବିଶେଷ ସ୍ୱରୂପ ଆସନ୍ତା ଅକ୍ଟୋବର ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ 'ଆଜାଦ୍ ହିନ୍ଦ୍ ବାହିନୀ'ର ଏକ ଜାତୀୟ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ଯୁବଛାତ୍ରମାନେ ଯୋଗଦେଇ ନେତାଜୀଙ୍କ ଜୀବନ ଧାରା, ଲକ୍ଷ୍ୟ, ଆଦର୍ଶ ଏବଂ ସାଂପ୍ରତିକ ଘଟଣାବଳି ସଂକ୍ରାନ୍ତରେ ଶିକ୍ଷା ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।ଟି.ୟୁ.ସି.ସି.ର ସର୍ବଭାରତୀୟ ସାଧାରଣ ସଂପାଦକ ଜି.ଆର୍ ଶିବ୍‌ଶଙ୍କର, ବରିଷ୍ଠ ସାମ୍ବାଦିକ ରବି ଦାଶ, ସୁଧୀର ପଟ୍ଟନାୟକ, ବରିଷ୍ଠ ଆଇନଜିବୀ ତଥା ପ୍ରସ୍ତୁତି କମିଟିର ଅଧକ୍ଷ ବିଭୂ ପ୍ରସାଦ ତ୍ରିପାଠୀ, 'ଫରୱାର୍ଡ ବ୍ଲକ୍'ର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକ ପ୍ରେସ୍ ବିବୃତି ମାଧମରେ 'ଆଜାଦ୍ ହିନ୍ଦ୍ ବାହିନୀ'ର ସର୍ବଭାରତୀୟ ଆବାହକ ଜ୍ୟୋତି ରଂଜନ ମହାପାତ୍ର ପ୍ରକାଶ କରିଛନ୍ତି।

# ୱାର୍ଲ୍ଡ ସାଇଟ୍ ଡେ'ରେ ଏନଟୋଡ୍ ଫାର୍ମାସ୍ୟୁଟିକାଲ ପକ୍ଷରୁ ମାଗଣା ଚକ୍ଷୁ ଚେକଅପ କ୍ୟାମ୍ପ ଏବଂ ୱାକଥନ ଆୟୋଜିତ




ଭୁବନେଶ୍ୱର, (ପି.ଏନ): ଏନଟୋଡ୍ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ 'ୱାର୍ଲ୍ଡ ସାଇଟ୍ ଡେ'ରେ ମାଗଣା ଚକ୍ଷୁ ଚେକ ଅପ କ୍ୟାମ୍ପ ଏବଂ ୱାକଥନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୩୦ଟି ବିଭିନ୍ନ ସ୍ଥାନରେ ମାଗଣା ଚକ୍ଷୁ ଯାଂଚ୍ ଏବଂ ମୋତିଆବିନ୍ଦୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଲୋକଙ୍କୁ ମାଗଣା ସ୍କ୍ରିନିଂ ଉପଲବ୍ଧ କରାଯାଇଛି। ସେହିପରି ଆଖିର ଯତ୍ନ, ବିଭିନ୍ନ ଆଖି ସମସ୍ୟାର ନିରାକରଣ ସମ୍ପର୍କରେ ପରାମର୍ଶ ଏବଂ ମାଗଣା ଔଷଧ ପ୍ରଦାନ କରାଯାଇଛି। ଭାରତରେ ନିୟମିତ ଆଖି ସ୍କ୍ରିନିଂର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ। ଖରାପ ଦୃଷ୍ଟିଶକ୍ତି ଯୋଗୁ ପ୍ରାୟ ୫୫୦ ନିୟୁତ ଲୋକ ପ୍ରଭାବିତ ହୋଇଥାନ୍ତି। ଫଳରେ ଏହାଯୋଗୁ ବାର୍ଷିକ ୩୭ ବିଲିୟନ ଆମେରିକୀୟ ଡଲାରର ପ୍ରଡକ୍ଟିଭିଟି ନଷ୍ଟ ହୋଇଥାଏ। ବିଶେଷ କରି ଗ୍ରାମୀଣ ଅଂଚଳରେ ଏନେଇ ସଚେତନତା ସୃଷ୍ଟିର ଅଭାବ ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଚଷମା ପିନ୍ଧିବାକୁ ନେଇ କେତେକ ଅଜ୍ଞାନତା ମଧ ରହିଛି। ଏହି ଅବସରରେ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଖିଲ କେ. ମାସୁରକର କହିଲେ, ନିଜ ଆଖିର ଯତ୍ନ ନେବା ଜରୁରୀ। ଶୁଖିଲା ଆଖି, ନାଲି ଆଖି, ଆଖି ଦାଗ କିମ୍ବା ଅନ୍ୟ ଆଖି ସମସ୍ୟାରେ ଅବହେଳା କରିବା କ୍ଷତି କାରକ। ଯଦିଓ ସାମାନ୍ୟ ସମସ୍ୟା କମ କ୍ଷତି ଘଟାଇପାରେ। କିନ୍ତୁ ଧୀରେ ଧୀରେ ଦୃଷ୍ଟି ଶକ୍ତି କମ୍ ହୋଇପାରେ। ୱାର୍ଲ୍ଡ ସାଇଟ୍ ଡେ ଅବସରରେ ବିଭିନ୍ନ ସ୍ଥାନରେ ମାଗଣା ଚକ୍ଷୁ ଯାଂଚ୍ ଏବଂ ମୋତିଆବିନ୍ଦୁ ଶିବିର ଆୟୋଜିତ ହୋଇଛି। କ୍ୟାମ୍ପଗୁଡିକର ବ୍ୟବସ୍ଥା କରିବା, ଡାକ୍ତରମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା, ସଚେତନତା ଏବଂ ଆଲୋଚନା ଅଧିବେଶନର ଆୟୋଜନ ଏହି ଅବସରରେ କରାଯାଇଥିଲା। ଆମର ୪୦୦ ସହକର୍ମୀଙ୍କ ସହଯୋଗରେ ଆମେ ଏହି କାର୍ଯ୍ୟ ସମ୍ପନ୍ନ କରିଛୁ। ଏହି ଅବସରରେ ଓପିଡି କ୍ୟାମ୍ପ ଏବଂ ମୋତିଆବିନ୍ଦୁ ଶିବିର ଆୟୋଜନ କରାଯାଇ ଗ୍ଲୁକୋମା, ଶୁଖିଲା ଆଖି, ନାଲି ଆଖି ସମସ୍ୟାର ସମାଧାନ କରାଯିବା ସହିତ ମୋତିଆବିନ୍ଦୁ ଶିବିର ମଧ ଆୟୋଜିତ ହୋଇଥିଲା। ଉଭୟ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲର ମେଡ଼ିକାଲ କନସଲଟାଂଟ୍ ଏବଂ ବ୍ରହ୍ମପୁର ରୁବି ଆଖି ହସ୍ପିଟାଲର ପ୍ରଫେସର ବି.ଏନ୍.ଆର୍ ସୁବୁଦ୍ଧି କହିଲେ, ଦୃଷ୍ଟିହୀନତା ଦ୍ୱାରା ଦୈନନ୍ଦିନ କାର୍ଯ୍ୟଗୁଡିକ କରିବାରେ ସମସ୍ୟା ଉପୁଜିଥାଏ। ତେଣୁ କମିଛି ଆଖି ସମସ୍ୟା ଦେଖାଦେଲେ ତୁରନ୍ତ ଏହାର ଚିକିତ୍ସା କରିବା ସହିତ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ପଚାଶ ବର୍ଷରୁ ଅଧିକ ବୟସ୍କଙ୍କଠାରେ ମୋତିଆବିନ୍ଦୁ, ଗ୍ଲୁକୋମା ମଧୁମେହ ଜନିତ ରେଟିନୋପାଥି ସମସ୍ୟା ଦେଖାଦେଇଥାଏ। ସଚେତନତା କାର୍ଯ୍ୟକ୍ରମଗୁଡିକ ଦ୍ୱାରା ସାଧାରଣ ଚକ୍ଷୁ ରୋଗର ଶୀଘ୍ର ଚିହ୍ନଟ ତଥା ଚିକିତ୍ସା ସମ୍ଭବ ହୋଇ ପାରିଥାଏ। ଚକ୍ଷୁ ଚେକ ଅପ କ୍ୟାମ୍ପ ବ୍ୟତୀତ, ଚକ୍ଷୁର ନିୟମିତ ଯାଂଚ୍ ଏବଂ ସତର୍କତା ବିଷୟରେ ସଚେତନ କରିବା ପାଇଁ ୟୁଟ୍ୟୁବ ଚ୍ୟାନେଲରେ ଜଟିଳ ଚକ୍ଷୁ ସମସ୍ୟାକୁ ଏଡ଼ାଇବା ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Wednesday October 20, 2021 ଭୁବନେଶ୍ୱର ବୁଧବାର, ଅକ୍ଟୋବର ୨୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ, ଅଭିଯୁକ୍ତା ମହିଳା ଗିରଫ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ସଦରମହକୁମାର ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାୟପୁର ସ୍ୱପ୍ନେଶ୍ୱର ସାହିର କୃଷ୍ଣ ଧଳଙ୍କ ପତ୍ନୀ ସରୋଜିନୀ ଓରଫ ପ୍ରଭାତୀ ବହୁ ଦିନ ଧରି ବ୍ରାଉନ ସୁଗାର ବିକ୍ରୀ କରି ଆସୁଥିଲେ । ଏ ନେଇ ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ନିର୍ଦ୍ଦେଶରେ ଏସଡିପିଓ ସୁଶିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆଦର୍ଶଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସହଯୋଗରେ ପୋଲିସ ବଳ ନେଇ ଚଢାଉ କରିଥିଲେ । ଘଟଣା ସ୍ଥଳରୁ ୩୦.୮ ଗ୍ରାମ ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା , ନଗଦ ୫୨ ହଜାର ଟଙ୍କା ଜବତ କରି ଅଭିଯୁକ୍ତା ମହିଳାଙ୍କୁ ଗିରଫ କରାଯାଇଛି ।

# ରେଳବାହୀ ପିଏସସି (PSC) କମିଟି ଓ ଏଡିଆରଏମ (ADRM) ଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର,(ପି.ଏନ): ସୋମବାର ରେଳବାଇ ଯାତ୍ରୀ ସେବା ଓ ସୁବିଧା କମିଟିର ୪ ଜଣ ସଦସ୍ୟ ପୂର୍ବତନ ମନ୍ତ୍ରୀ ସୁରମା ପା ?ୀଙ୍କ ନେତୃତ୍ୱରେ, ଶିବରାଜ ଗାନ୍ଧ ? (କର୍ଣ୍ଣାଟକ), ଜେ. ନାଗ ମଣି (ମହାରାଷ୍ଟ୍ର) ଓ ବେବି ଚୂନକି (ବିହାର) ବାଲେଶ୍ୱର ଷ୍ଟେସନ ପରିଦର୍ଶନ ନିମନ୍ତେ ଆସିଥିଲେ ଓ କମିଟିର ଗସ୍ତ ସମୟରେ ରେଳବାଇର ଅତିରିକ୍ତ ଡିଭିଜୋନାଲ ମ୍ୟାନେଜେର ଗିରିଶ କୁମାର ବାଲେଶ୍ୱର ଷ୍ଟେସନରେ ଉପସ୍ଥିତ ଥିଲେ ଓ ଏହି ଅବସରରେ ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚ୍ଚ ସ୍ତରୀୟ ପ୍ରତିନିଧି ଦଳ କମିଟିର ସଦସ୍ୟ ଓ ଏଡିଆରଏମଙ୍କୁ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାରେ ରେଳବାଇର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ନୂତନ ପ୍ରକଳ୍ପ, ପ୍ରସ୍ତାବ ସମ୍ପର୍କରେ ଆଲୋଚ୍ନା କରିଥିଲେ ଓ ଯଥା ବାଲେଶ୍ୱର ରେଳ ଷ୍ଟେସନରେ ପ୍ରସ୍ତାବିତ ନୂତନ ଷ୍ଟେସନ ଗୃହ ନିର୍ମାଣ, ରେଳ ଡେଭେଲପମେଣ୍ଟ ଦ୍ୱାରା ପ୍ରସ୍ତାବିତ ବ୍ୟବସାୟିକ ଗୃହ ନିର୍ମାଣ, ଶୋଭାରାମପୁର ଠାରୁ ଆନନ୍ଦ ବଜାର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ଷ୍ଟେସନର ସୌନ୍ଦର୍ଯ୍ୟକରଣ, ଶୋଭାରାମପୁର ଏବଂ ଅଙ୍ଗାରଗଡିଆ ରେଳ ଓଭରବ୍ରିଜର ଶୀଘ୍ର କାର୍ଯ୍ୟ ସମାପ୍ତି, ବାମପଦା ଠାରେ ଥିବା ଲେଭେଲ କ୍ରସିଂର ନିର୍ମାଣ ଓ ଅମରଦା ରୋଡ଼ ଠାରେ ଉଡ଼ନ୍ତା ପୋଲ, ବସ୍ତାରେ ଦୁଇ ଗୋଟି ଉଡ଼ନ୍ତା ପୋଲ , ଜଳେଶ୍ୱର ଷ୍ଟେସନ ଗୃହର କାର୍ଯ୍ୟ ଆରମ୍ଭ, ମାର୍କ ?ଣା ଷ୍ଟେସନ ଗୃହର କାର୍ଯ୍ୟ ଆରମ୍ଭ, ସୋରରେ ନୂତନ ଷ୍ଟେସନ ଗୃହର କାର୍ଯ୍ୟ ଆରମ୍ଭ, ଜଳେଶ୍ୱରରେ ନୂତନ ଷ୍ଟେସନ ଗୃହର କାର୍ଯ୍ୟ ଆରମ୍ଭ, ଲକ୍ଷଣନାଥ ଠାରୁ ରାଣୀତାଲ ପର୍ଯ୍ୟନ୍ତ ତୃତୀୟ ଲାଇନର କାର୍ଯ୍ୟ ଖୁବ ଶୀଘ୍ର ସାରିବା ପାଇଁ ଆଲୋଚ୍ନା ହୋଇଥିଲା ଓ ହାଉଡ଼ା ରୁ ପୁରୀ ପର୍ଯ୍ୟନ୍ତ ଏକ ଡବଲ ଡ଼େକର ଟ୍ରେନ, ରେଳବାଇ ଅନୁଷ୍ଠାନ ବର୍ତ୍ତମାନ ବନ୍ଦ ଅବସ୍ଥାରେ ଅଛି ତାହାର ପୁନଃ ଆରମ୍ଭ, ଷ୍ଟେସନ ପରିସରରେ ବନ୍ଦ ଥିବା କେଂଟିନ ବ୍ୟବସ୍ଥା ଆରମ୍ଭ କରିବା, ଉତ୍କଳ ଏକ୍ସପ୍ରେସ ଜଳେଶ୍ୱର ଷ୍ଟେସନରେ ରହଣି ବ୍ୟବସ୍ଥା ଆଦି ଆଲୋଚ୍ନା ହୋଇଥିଲା ଆଗାମୀ କିଛି ଦିନ ଭିତରେ ରେଳମନ୍ତ୍ରୀଙ୍କର ବାଲେଶ୍ୱର ଗସ୍ତ ଥିବାରୁ ଏ ପ୍ରକାର ଆଲୋଚ୍ନା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ସକାରାତ୍ମକ ଫଳାଫଳ ମିଳିବ ବୋଲି ଆଶା କରାଯାଉଛି ଓ ଜିଲ୍ଲା ପ୍ରତିନିଧିଙ୍କ ଦଳରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଧର ନାୟକ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ଉପସଭାପତି କମାଲ ଲୋଚ୍ନ ଦାସ, ଉପସଭାପତି କମଳା ବିନ୍ଧାଣି, ସମ୍ପାଦକ ଆଶିଷ ଘୋଷ, ସମ୍ପାଦିକା ପିଙ୍କି ପ୍ରଧାନ, ସଂଯୁକ୍ତା ମହାପାତ୍ର, ସସ୍ମିତା ଚ୍ାନ୍ଦ, ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ସେଠି, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବ ମୋରଚ୍ଚା ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା ,ସାଂସଦଙ୍କ ସଦର ବ୍ଲକ ପ୍ରତିନିଧି ସୁଶାନ୍ତ ବେରା, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅଭିପ୍ସା ନାୟକ, ମହିଳା ମୋର୍ଚ୍ଚା କୋଷାଧକ୍ଷ ଦମୟନ୍ତୀ ବାଗ, ନଗର ସଭାପତି ଚ୍ିତ୍ତ ରଞ୍ଜନ ପଣ୍ଡା, ମହିଳା ମୋର୍ଚ୍ଚା ନଗର ସଭାପତି ଶୁଶ୍ମୀତା ପଣ୍ଡା, ମହିଳା ମୋର୍ଚ୍ଚା ତରୁଲତା, ସାବିତ୍ରୀ ପାଣିଗ୍ରାହୀ,ସଂଯୁକ୍ତ ମହାପାତ୍ର , ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା, ଯୁବ ମୋର୍ଚ୍ଚାର କୋଷାଧକ୍ଷ ସୁରଝଙ୍କାର ସେଠି, ଯୁବ ମୋର୍ଚ୍ଚା ମିଡ଼ିଆ ସଂଯୋଜକ ସୋଭାକର ସାହୁ, ବିଜୟ କୁମାର ସାହୁ, ନାରାୟଣ ମାହାନ୍ତ, ଦୀପକ ସାହୁ, ରାଜେଶ ବେହେରା, ଦିବ୍ୟ ରଞ୍ଜନ ମହାନ୍ତି ଓ ରଶ୍ମି ରଞ୍ଜନ ଜେନା ଭାଗ ।

## ଗୋପଛକ ଜମି ହଡପ ମାମଲାରେ ଲାଡି ଗିରଫ

କେନ୍ଦ୍ରାପଡ଼ା,(ପି.ଏନ) : ଗୋପଛକ ଜମି ହଡପ ମାମଲାରେ ଫେରାର ଥିବା ଅଭିଯୁକ୍ତ ଲାଡି ଓରଫ ସୟଦ ଜାକିର(୩୩)କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଲାଡି ଗ୍ୟାଙ୍ଗଷ୍ଟର ଟିଟୋର ଦାଦାପୁଅ ଭାଇ। କେନ୍ଦ୍ରାପଡା ଏସଡିଜେମ କୋର୍ଟ ପକ୍ଷରୁ ଲାଡି ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା। ଦୀର୍ଘଦିନ ଧରି ପୋଲିସ ତାକୁ ଗିରଫ କରିବା ପାଇଁ ଖୋଜୁଥିବା ବେଳେ ସେ ଫେରାର ହୋଇଯାଇଥିଲା। କିନ୍ତୁ ରବିବାର ସେ ଦିଲାରପୁରସ୍ଥିତ ବାସଭବନରେ ଥିବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବାସଭବନ ଉପରେ ଚଢାଉକରି ତାକୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ଠାରୁ ସୂଚନା ମିଳିଛି।

# ବେଗୁନିଆ ମହାବିଦ୍ୟାଳୟରେ ଏନଏସଏସ ଶିବିର ଉଦ୍‌ଯାପିତ




ଖୋର୍ଦ୍ଧା,(ପିଏନ) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ମହାବିଦ୍ୟାଳୟରେ ଛଅଦିନବ୍ୟାପୀ ଚାଲିଥିବା ଏନଏସଏସ ଶିବିର ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଏ ନେଇ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦିଲୀପ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୭୫ ଜଣ ଛାତ୍ରଓଛାତ୍ରୀମାନେ ଅଂଶ ଗ୍ରହଣ କରି କୋଭିଡ୧୯ ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ ଭାବରେ ପ୍ରତିପାଦନ କରିଥିବାରୁ ଶାରଦୀୟ ଶୁଭେଚ୍ଛା ଜଣାଇଥିଲେ ।କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଡଃ ମନ ମୋହନ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଶିବିରାର୍ଥୀ ମାନେ ଆଗାମୀ ଦିନରେ ସଚେତନବାର୍ତ୍ତାକୁ ଲୋକ ମାନଙ୍କ ପାଖରେ ପହଂଚାଇଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ଓ ମହିଳା ଏନଏସଏସ ଅଧିକାରୀ ବିଜୟଲକ୍ଷ୍ମୀ ସୁବୁଦ୍ଧି ପରିଚାଳନା କରିଥିବା ବେଳେ ଅଧ୍ୟାପକ ନବ କିଶୋର ବିଷୋୟୀ ସହଯୋଗ କରିଥିଲେ ।

# ଶୈଳଶ୍ରୀ ବିହାର ଠାରେ ଖୋଲିଲା ଆରା ଏସି ସୋରୁମ୍



ଭୁବନେଶ୍ୱର,(ପି.ଏନ): ଚନ୍ଦ୍ରଶେଖରପୁର ଅନ୍ତର୍ଗତ ଶୈଳଶ୍ରୀ ବିହାର ଓ ଭି.ଇ.ଏମ୍. ସ୍କୁଲ ରାସ୍ତାରେ ଖୋଲିଲା ନୂଆ ଆରା ଏୟାର କଣ୍ଡିସନର ସୋରୁମ । ଆଜି ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଆରା ଏସି ସୋରୁମ୍ ଭାରତର ପରିଚିତ ବ୍ରାଣ୍ଡ୍ ମସ୍ତୁବିସି କମ୍ପାନୀର ସମସ୍ତ ମଡେଲ୍ର ଏୟାର କଣ୍ଡିସନର ଉପଲବ୍ଧ ହେବ । ଥ୍ରିଷ୍ଟାର, ଫାଇବଷ୍ଟାର ଜନେରୋଲ ଠାରୁ ଆରମ୍ଭ କରି ଇନ୍‌ଭୋଟର ଏସି ପର୍ଯ୍ୟନ୍ତ ବହୁ ମଡେଲ ରହିଛି । ଜାପାନୀ ଟେକ୍ନୋଲୋଜିରେ ନିର୍ମିତ ମସ୍ତୁବିସି ଏୟାର କଣ୍ଡିସନରର ବିଶେଷତ୍ୱ ହେଉଛି ଏହା ବିଜୁଳି ବିଲ୍ କମାଇବା ସହିତ ଶୀତଦିନେ ଗରମ ପବନ ଦେବା ସହିତ ଖରାଦିନେ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପବନ ଦେଇପାରିବ ବୋଲି ଆରାର ଓନର ହବିବୁର ରହମାନ୍ ଓ ଐଶ୍ୱର୍ଯ୍ୟ ପରିଡା କହିଛନ୍ତି । ଖାଲି ସେତିକି ନୁହେଁ ଏହା କମ୍ ଭୋଲ୍‌ଟେଜ୍‌ରେ ଚାଲିପାରିବ ସହିତ ସୁଖନିଦ୍ରା ଦେଇପାରିବ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବୁବୁ ମହାନ୍ତି, ସଂଜୟ ଖୁଣ୍ଟିଆ ଙ୍କ ସହିତ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଖୋଲିଲା ଡ଼େପୁଟି ଡ୍ରଗ୍ସ କଣ୍ଟ୍ରୋଲୋର କାର୍ଯ୍ୟାଳୟ

ବାଲେଶ୍ୱର,(ପି.ଏନ): ବାଲେଶ୍ୱରରେ ନୋର୍ଥଜୋନର ନୂତନ ଡ଼େପୁଟି ଡ୍ରୋଗ୍ସ କଣ୍ଟ୍ରୋଲୋର କାର୍ଯ୍ୟାଳୟ ଖୋଲିଛି । ଏଥିରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା ଔଷଧ ବ୍ୟବସାୟୀ ଉପକୃତ ହେବେ। ପୂର୍ବରୁ ଜିଲ୍ଲାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଦୁଇ ଜଣ ଡ୍ରଗ୍ସ ଇନିସପେକ୍ଟର ରହିଥିଲେ। ଜିଲ୍ଲାରେ ଥିବା ସମସ୍ତ ଔଷଧ ଦୋକାନ, ନର୍ସିଂହୋମ ଓ ଷ୍ଟୋକିସମାନଙ୍କ କାର୍ଯ୍ୟକୁ ଯାଞ୍ଚ କରିଥିଲେ। ଅନ୍ୟ ସମସ୍ତ କାର୍ଯ୍ୟ ପାଇଁ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଥିଲା। ଭୁବନେଶ୍ୱର ଥିବା ମୁଖ୍ୟ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ହେଉଥିଲା। ଯାହାଫଳରେ ବହୁ ସମୟ ଲାଗୁଥିଲା। ବାଲେଶ୍ୱର ଏହି କାର୍ଯ୍ୟାଳୟ ଖୋଲିବା ପରେ ଏହି ସମସ୍ୟା ଦୂର ହେବ। କାର୍ଯ୍ୟାଳୟ ପାଇଁ ଜଣେ ଡ଼ିଡ଼ିସି, ଦୁଇ ଜଣ ଏଡ଼ିଡ଼ିସି ଓ ଦୁଇ ଜଣ ଡ଼ିଆଇଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ୮ ତାରିଖରେ ନୂତନ ଭାବେ ଯୋଗ ଦେଇଥିବା ଏଡ଼ିଡ଼ିସି ନିହାରିକା ଦାସ, ଗ୍ରାମାଞ୍ଚଳ ପାଇଁ ଡ଼ିଆଇ, ଜୟାନନ୍ଦ ଶୁଭଦର୍ଶିନୀ ଓ ଏଡ଼ିଡ଼ିସି ଜଗନ୍ନାଥ ମଲ୍ଲିକ କାର୍ଯ୍ୟରେ ଯୋଗ ଦେଇଛନ୍ତି।

## ବାର୍ହାଙ୍କ ଯୋଗୁଁ ଉଜୁଡୁଛି ଫସଲ, ଚିନ୍ତାରେ ଚାଷୀ

ଖଣ୍ଡପଡ଼ା,(ପି.ଏନ): ଚଳିତ ବର୍ଷ ପ୍ରାରମ୍ଭରୁ ଅନିୟମିତ ବୃଷ୍ଟିପାତ, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ଶାଖା ନଦୀ ଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନଦୀ ତଟବର୍ତ୍ତୀ ଧାନ ଓ ପନିପରିବା ଚାଷ ଜମି ଗୁଡିକରେ ଫସଲ ନଷ୍ଟ ହୋଇଥିଲା । ଦୈବ ଦୁର୍ବିପାକ ଯୋଗୁଁ ଖଣ୍ଡପଡା ଅଂଚଳର ଚାଷୀମାନଙ୍କର ମେରୁଦଣ୍ଡ ଦୋହଲି ଯାଇଥିବା ବେଳ ଏବେ ଫସଲ ଜମିରେ ବାର୍ହାଙ୍କ ଉପଦ୍ରବ ଯୋଗୁଁ ଚାଷୀକୂଳ ମୁଣ୍ଡରେ ହାତଦେଇ ବସିଛନ୍ତି । ସଂଜ ନଇଁଲେ ପଲପଲ ବାରହା ଜଙ୍ଗଲରୁ ଜନବସତି ଅଂଚଳକୁ ଚାଲି ଆସି ଫସଲ ନଷ୍ଟ କରୁଛନ୍ତି । ବାର୍ହାଙ୍କୁ ଘଉଡାଇବା ପାଇଁ ବିଭିନ୍ନ ଇଲାକାରେ ଚାଷୀମାନେ ରାତି ସାରା ଉଜାଗର ରହୁଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା, ବାଣପୁର ଅଂଚଳର ଚାଷୀମାନେ ନଦୀପଠା ଓ ତତ୍ ସଂଲଗ୍ନ ଜମିରେ ଚିନାବାଦାମ, ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଂଟାଉଥାନ୍ତି । ଏବେ ବାର୍ହାଙ୍କ ଯୋଗୁଁ ସବୁ କିଛି ଫସଲ ନଷ୍ଟ ହେବାରେ ଲାଗିଛି । ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ବାର୍ହାଙ୍କ ଉପଦ୍ରବ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ନୟାଗଡ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମାହାଙ୍ଗାରେ ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର : ୫୦୧ ୟୁନିଟ ରକ୍ତ ସଂଗ୍ରହ



ମାହାଙ୍ଗା, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ ଅବସରରେ ଓଡିଶା ମୋ ପରିବାର ଜୀବୀନବିନ୍ଦୁ ଆନୁକୁଲ୍ୟରେ ମାହାଙ୍ଗା ବ୍ଲକ ବିଜେଡି ପକ୍ଷରୁ ଜେ.ଏନ କଲେଜ ପରିସରରେ ମାହାଙ୍ଗା ବିଧାୟକ ତଥା ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଓଡିଶା ମୋ ପରିବାର କଟକ ଜିଲ୍ଲା ସଂଯୋଜକ ରଂଜନ କୁମାର ବିଶ୍ୱାଳ ଆନୁଷ୍ଠନିକ ଭାବେ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଓଡିଶା ମୋ ପରିବାର ଓ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଉପରେ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ସଫଳ ରୂପାୟନ ପାଇଁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଦ୍ୱାରା ସାମାଜିକ କାର୍ଯ୍ୟକ୍ରମ ଜାରୀ ରହିଛି । ଯାହାକି ଆଜି ମାହାଙ୍ଗା ବ୍ଲକ ଅଂଚଳରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିରଟି ସଫଳ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ,ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ,ବ୍ଲକ ନିଶ୍ଚିନ୍ତକୋଇଲି ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା,ମାହାଙ୍ଗା ବ୍ଲକ ଉପାଧକ୍ଷା ରଶିଦା ବେଗମ,ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ । ଏହି ଶିବିରରେ ୫୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଉପସଭାପତି ଦେବାଶିଷ ଜେନା, ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ହେମନ୍ତ ପ୍ରଧାନ,ସରପଂଚ ଭବାନୀ ଶଙ୍କର ସାମଲ , ଛାତ୍ର ବିଜେଡି ସଭାପତି ତ୍ରିନାଥ ଜେନା,ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁମିତା ଦାସ,ଜିଲ୍ଲା ଯୁବ ବିଜେଡି ସାଧାରଣ ସଂପାଦକ ପ୍ରଦୀପ୍ତ ବିଶ୍ୱାଳ,ଜିଲ୍ଲା ବିଜେଡି ଉପସଭାପତି ସ୍ୱାଧିନ ମହାନ୍ତି, କ୍ଷମାସାଗର ଦାସ,ଦେବୀପ୍ରସାଦ ପଲେଇ,ଛାତ୍ର ବିଜେଡି ଉପସଭାପତି ତୋଫାନ ଦାସ,ସାଧାରଣ ସଂପାଦକ ଆଲୋକ ସେଠୀ, ଆଲୋକ ବାରିକ, ବିଜେଡି ନେତା ରଜନୀକାନ୍ତ ପରିଡା, ପଂଚାନନ ପଣ୍ଡା,ପ୍ରଦୀପ୍ତ ବିଶ୍ୱାଳ,ସଚିନ୍ଦ୍ର ସାହୁ, ଉମେଶ ସାହୁ, ବିଜେଡି ସଂଗଠକ ଜ୍ଞାନେନ୍ଦ୍ର ସାହୁ , ସରପଂଚ ବିଜୟ ରାଉତ, ମୃତ୍ୟୁଞ୍ଜୟ ବରାଳ, ଜୋନ ସଭାପତି ନିରଞ୍ଜନ ବିଶ୍ୱାଳ,ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, କମଳାକାନ୍ତ ଦାଶ,ରିଆଜୁଲ ହୋଦା, ସମିତିସଭ୍ୟ ପ୍ରଶାନ୍ତ ରାଉତରାୟ ,ବିବକେ ପାଣି,ସରପଂଚଙ୍କ ପ୍ରତିନିଧି ଜୟନ୍ତ ବିଶ୍ୱାଳ,ବିପିନ ବିହାରୀ ସ୍ୱାଇଁ,ସରପଂଚ କାର୍ତ୍ତିକ ଜେନା,ପୂର୍ବତନ ସରପଂଚ ଭ୍ରମରବର ରାଉତରାୟ,ପ୍ରିତମ କାନୁନ୍‌ଗୋ, ଦେବେନ୍ଦ୍ର ମହାନ୍ତି,ସୁଶାନ୍ତ ଭୁୟାଁ,ଅମୀୟ ନାୟକ,ସମ୍ବିତ ମହାନ୍ତି, ଛାତ୍ର ବିଜେଡି ସଂପାଦକ କ୍ରୀଷ୍ଣକାନ୍ତ ଷଡଙ୍ଗୀ,ଲଳିତମୋହନ ମହାପାତ୍ର ,କିରୋ ମହାରଣା, ଏଳିତ ପଟ୍ଟନାୟକ ସମେତ ବହୁ ସମିତିସଭ୍ୟ ,ସରପଂଚ ଓ ବିଜେଡି କର୍ମୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ କରିବା ସହ ଜେ.ଏନ କଲେଜ ପରସିରରେ ଯୁବ , ଛାତ୍ର ବିଜେଡି ମାନଙ୍କ ଦ୍ୱାରା ଏକ କେକ କଟା ଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray